# ଜୈନ ଧର୍ମ

ରାଜକିଶୋର ପଟ୍ଟନାୟକ

## ବିଭିନ୍ନ ଧର୍ମଶାସ୍ତ୍ର

# ଜୈନ ଧର୍ମ

ବେଦ ଉପରେ ହିନ୍ଦୁ ଧର୍ମ ଠିଆ ହୋଇଛି । ମହାଭାରତ ଯୁଦ୍ଧ ପରେ ଏହି ହିନ୍ଦୁ ଧର୍ମର ନାମ ହେଲା ବ୍ରାହ୍ମଣ୍ୟ ଧର୍ମ ।

ମହାଭାରତ ଯୁଧ ଆଜିକୁ (୧୯୮୮) ୫ ହଜାର ବର୍ଷ ତଳର କଥା । ସେଇ ଯୁଧରେ ଭାରତର କ୍ଷତ୍ରୀୟ ଶକ୍ତି ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା । ସମସ୍ତେ ଜାଣନ୍ତି ଯେ, ମହାଭାରତ ଯୁଧରେ କୁରୁଙ୍କର ଏଗାର ଓ ପାଣ୍ଡବଙ୍କର ସାତ ଏରୁପ ଅଠରେ ଅକ୍ଷୌହିଣୀ ସୈନ୍ୟ ମରିଥିଲେ । ମହାଭାରତ ଯୁଧ ଶେଷରେ ଅଶ୍ୱତ୍‌ଥମାଙ୍କୁ ମିଶାଇ କୃପ ଆଦି କରି ସାତ ଆଠ ଜଣ ବଞ୍ଚିଥିଲେ । ବିଶ୍ୱାସ କରାଯାଏ ଯେ, ଏଥିରୁ ଦୁଇଜଣ ଅଦ୍ୟାବଧି ଜୀବିତ ।

ଏହାର ଅଢ଼େଇ ହଜାର ବର୍ଷ ଭିତରେ ଭାରତରେ ଗୋଟିଏ ପୁରୁଷ ବା ପୀଢ଼ିକୁ ପଚିଶି ବର୍ଷ ଧରିଲେ ଶହେ ପୁରୁଷ ଗତ ହୋଇଥିଲା । ଏହି ଶହେ ପୁରୁଷ ବ୍ରାହ୍ମଣମାନେ ଧର୍ମଶାସ୍ତ୍ରକୁ ନିୟନ୍ତ୍ରଣ କରିଥିଲେ ।

ବ୍ରହ୍ମା, ବ୍ରହ୍ମ ଓ ବ୍ରାହ୍ମଣ ପରସ୍ପର ଅର୍ଥ ବୁଝାଇବା ଅବସ୍ଥାରେ ପହିଥିଲା ।

ମହାଭାରତ ଯୁଧ ପର୍ଯ୍ୟନ୍ତ କ୍ଷତ୍ରୀୟମାନେ ଧର୍ମଶାସ୍ତ୍ରର ଆଧାର ଥିଲେ । ହରିଜନ ମନ୍ଦିର ପ୍ରବେଶ ପରି ଯେଉଁଦିନ କ୍ଷତ୍ରୀୟ ରାଜା ବ୍ରାହ୍ମଣ ଶିଷ୍ୟ ନେଲେ, ସେଦିନ ଧର୍ମ ଜଗତରେ ଅପୂର୍ବ ସମ୍ବାଦ ହୋଇଥିଲା ବୋଲି ଉପନିଷଦରୁ ଜଣାଯାଏ ।

ଏହି ଶହେ ପୀଢ଼ିର ନିୟମ ହେଲା ଯେ, ବ୍ରାହ୍ମଣଙ୍କ ପାଇଁ ଗୋଟିଏ ଆଇନ୍ ଓ ଅନ୍ୟ ସମସ୍ତଙ୍କ ପାଇଁ ଆଉ ଗୋଟିଏ । ଓଡ଼ିଆରେ ବି କଥା ଅଛି - ବ୍ରାହ୍ମଣ ପୁଅ ମାଙ୍କଡ଼ ମାରିଲେ ଦୋଷ ଲାଗେ ନାହିଁ ।

ପାପ କ'ଣ ଓ ପାପର କିପର ବିମୋଚନ ବା ପ୍ରାୟଶ୍ଚିତ ହୋଇପାରିବ - ଏହାରି ଉପରେ ଧର୍ମଶାସ୍ତ୍ର ବଦଳି ବଦଳି ଚାଲିଲା ।

ଏଥିରେ ଅତ୍ୟାଚାର ପରିମାଣ ବଢ଼ିଲା । କ୍ଷତ୍ରୀୟମାନେ ସେମାନଙ୍କର ପ୍ରାସଙ୍ଗିକତା ହରାଇବାରୁ ବିଦ୍ରୋହ ଭାବ ପ୍ରକାଶ କଲେ ।

କ୍ଷତ୍ରୀୟମାନେ ଯୁଧରେ କ୍ଷୟ ହୋଇଯିବାରୁ ଅନ୍ୟ ଜାତି (ପ୍ରାୟ ବୈଶ୍ୟ କିଛି ଶୁଦ୍ର ଓ କେତେକ ଭ୍ରଷ୍ଟ) ଶାସନ ଅଧିକାର କରିନେଇ ବ୍ରାହ୍ମଣମାନଙ୍କୁ ବିଶେଷ ସ୍ଥାନ ଦେଲେ ।

ଅକ୍ଷୌହିଣୀର ଅର୍ଥ ଜାଣିଥିବା ଦରକାର ।

ହାତୀ ଯେତିକି ରଥ ସେତିକି । ଏହାର ତିନିଗୁଣ ଅଶ୍ୱ ଓ ୫ ଗୁଣ ପଦାତିକ ଅର୍ଥାତ୍, ଏକ+ଏକ+ତିନି+୫ ହେଲା ଦଶ ଭାଗ । ସେତେବେଳେ ମଧ ଦଶ ଇତ୍ୟାଦି ସଂଖ୍ୟା ତାତ୍ପର୍ଯ୍ୟ ଥିଲା ।

ହାତୀ ହେଲା ଏକୋଇଶି ହଜାର ଆଠଶହ ସତୁରି । ଏହାର ଦଶଗୁଣ ହେଲା ଦୁଇ

ଲକ୍ଷ ଅର ହଜାର ସାତଶହ । ଅଠର ଅକ୍ଷୌହିଣୀ ହେଲା ଅଣଚାଳିଶି ଲକ୍ଷ ଛତିଶି ହଜାର ଛଅଶହ ବା ମୋଟାମୋଟି ଚାଳିଶି ଲକ୍ଷ ।

କେବଳ ଉତର ଭାରତ - ଗୁଜୁରାଟର ବିହାର, ଓଡ଼ିଶା ସମେତ ହିମାଳୟରୁ ବିନ୍ଧ୍ୟ ମଧରେ ଥିବା ଭୂଖଣ୍ଡରେ ଚାଳିଶି ଲକ୍ଷ କ୍ଷତ୍ରୀୟ ଧ୍ୱଂସ ପାଇଥିଲେ ।

ଏହାର ଆଉ ୫ ହଜାର ବର୍ଷ ଆଗରୁ ପରଶୁରାମ ଅବତାରରେ ଏକୋଇଶି ଥର କ୍ଷତ୍ରିୟ ନିପାତ କରିଥିଲେ ।

ଭାରତ ବର୍ଷର ଇତିହାସରେ ଏଇ ସମୟର ପ୍ରଭାବରେ ଦୁଇ ଜଣ କ୍ଷତ୍ରୀୟ ହିନ୍ଦୁ ମତର ବିରୋଧ କରି ଧର୍ମପ୍ରଚାର କରିଥିଲେ । ସେମାନେ ହେଲେ - କପିଳବସ୍ତୁର ଶାକ୍ୟ ମୁନି ଓ ତାହାର ଆଖପାଖ ସାମନ୍ତ ମହାବୀର ।

ଏହି ଦୁଇ ଧର୍ମ ପ୍ରବର୍ତ୍ତକ ଏବେର ବିହାର ରାଜ୍ୟର ଆଖପାଖର । ସେମାନଙ୍କର ନାମରେ ମଧ ସାମସ୍ୟ ରହିଛି ।

ଜୈନ ଧର୍ମର ପ୍ରବର୍ତ୍ତକ ମହାବୀର ବାପାଙ୍କ ନା ସିଧାର୍ଥ । ମାଆ ତ୍ରିଶଳା ଦେବୀ । ତ୍ରିଶଳା ଦେବୀ ମଗଧ ରାଜବଂଶ ସହିତ ସମ୍ପର୍କିତ ।

ବୌଧ ଧର୍ମର ପ୍ରବର୍ତ୍ତକ ଶାକ୍ୟ ମୁନିର ନାମ ମଧ ସିଧାର୍ଥ । ତାଙ୍କର ସାଧନାର କ୍ଷେତ୍ର ବିହାରର ରାଜଗୃହ ।

ମହାବୀରଙ୍କର ବଂଶ ଜଣେ ଜମିଦାର ଶ୍ରେଣୀର । ସିଧାର୍ଥଙ୍କର ବଂଶ ଜଣେ ଛୋଟ ରାଜା ଶ୍ରେଣୀର ।

କବୀରଙ୍କର ଜନ୍ମସ୍ଥାନ ହେଲା କୁନ୍ଦଗ୍ରାମ । ଇଏ ବୈଶାଳୀ ନିକଟରେ, ଏଇ ଗୋଟିଏ ବିଶ୍ରାମ ସ୍ଥଳ । ଏଇଠି ବେପାରୀ ବାଟୋଇ ରହେ ।

ମଗଧର ରାଜବଂଶ ଯେତେଦିନ ଯାଏ ଜୈନ ମତର ପୃଷ୍ଟପୋଷକତା କରିଥିଲେ, ସେତେ ଦିନ ଜୈନମତ ଅନୁକୂଳ ପରିବେଶ ପାଇଥିଲା ।

ନନ୍ଦ ବଂଶ ହେଉଛି ବ୍ରାହ୍ମଣ ରାଜବଂଶ ।

ଏହି ବଂଶର ଉଚ୍ଛେଦ କରିଥିଲେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଅର୍ଥାତ୍ ମୁରା ନାମକ ଜଣେ ଅବ୍ରାହ୍ମଣ ସ୍ତ୍ରୀ ସନ୍ତାନ ।

ଏଇ ରାଜବଂଶ ଆଉ ବ୍ରାହ୍ମଣମାନଙ୍କୁ ବିଶେଷ ସୁବିଧା ନଦେବାରୁ ବ୍ରାହ୍ମଣମାନଙ୍କ ମତର ବିରୋଧୀ ଧର୍ମମତ ଖୋଜା ପଡ଼ିଲା ।

ଏହାକୁ ପୁରଣ କଲେ ଜୈନ ମତ ଓ ବୌଧ ମତ ।

ଏଇ ଦୁଇ ମତ ବେଦକୁ ମାନନ୍ତି ନାହିଁ ।

ତେଣୁ ବ୍ରାହ୍ମଣମାନେ ଏଇ ଦୁଇ ମତବାଦକୁ ନାସ୍ତିକ ମତବାଦ ବୋଲି କହିଲେ ।

ହିନ୍ଦୁ ମତରେ ଯିଏ ବେଦକୁ ମାନେ ନାହିଁ । ସେ ନାସ୍ତିକ । ତୁମେ ଈଶ୍ୱରଙ୍କୁ ନମାନିଲେ

ନାସ୍ତିକ ହେବ ନାହିଁ । ବେଦକୁ ଗ୍ରହଣ ନକଲେ ନାସ୍ତିକ ହେବ । ଏହି ଦୁଇ ମତ ବେଦ ବିରୋଧୀ, ତେଣୁ ନାସ୍ତିକ ।

ଏଇଦୁଇଟି ଧର୍ମରେ ମତାମତ ପ୍ରାୟ ସମାନ ।

ଜୈନ ଓ ବୌଧ ମତରେ ନୂଆ ଶବ୍ଦଟିଏ ଯୋଗ ହେଲା - ମହାତ୍ମା ।

ମହାନ୍ ଆତ୍ମା ହେଉଛି ମହାତ୍ମା । ହିନ୍ଦୁ ମତରେ ଏପରି ବିଷୟ ନାହିଁ ।

ପ୍ରଚଳିତ ହିନ୍ଦୁ ମତରେ ଅଢ଼େଇ ହଜାର ବର୍ଷତଳେ ପ୍ରଧାନ କଥା ଥିଲା ଯେ ଠାକୁରଙ୍କ ପୂଜା, ହୋମ, ଯଜ୍ଞ ଓ ବଳିଦାନ ଦ୍ୱାରା ହେବ । ଯାହା ଚାହିଁବ ତାହା ପାଇବ ।

ସ୍ୱର୍ଗ ମିଳିବ । ଭଗବାନ ମିଳିବେ । ଏଇ ସଂସାରରେ ଚାରି ବର୍ଗର ସମୃଧି ଓ ସୁଖ ମିଳିବ । ଈଶ୍ୱର ଯୋଜନାବଧ ର ନିୟନ୍ତ୍ରଣରେ ରଖାଗଲେ । ମଣିଷ ମଧ ଚର୍ବ୍ୟ-ଚେଷ୍ୟ-ଲେହ୍ୟ ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ଖାଇ ଅସଂଖ୍ୟ ପ୍ରକାରରେ ଦେହ-ସେବା କରି ମୁକ୍ତିକାମୀ ଦେଉଥିଲା ।

ଏହି ମତ ବିରୁଧରେ ମହାବୀର ପ୍ରଥମ ପଦକ୍ଷେପ ନେଇଥିଲେ । **....** ଦେହ କିଛି ନୁହେଁ । ଦେହ-ସର୍ବସ୍ୱ ଲୋକର ମୁକ୍ତି ନାହିଁ **.....** ପ୍ରାଣ ନାଶ ପ୍ରଧାନ ପାପ **.....** ନିଜେ ନାଶ ଯାଇପାର, ଅନ୍ୟ ପ୍ରାଣନାଶ କରିବା ନାହିଁ **...** ପ୍ରାଣ ସମସ୍ତଙ୍କର ରହିଛି ।

ମାଟି (କ୍ଷତ୍) ଅପ୍ (ପାଣି) ତେଜ (ନିଆଁ) ମରୁତ୍ (ବାୟୁ) ମଧ ପାଣସତ୍ୱା ବା ଆତ୍ମାର ଅଧିକାରୀ । ଏଇ ଚାରିମୂଳ ଉପାଦାନରେ ଜନ୍ମ ହୋଇଥିବା ବା ଚଳପ୍ରଚଳ ହେଉଥିବା ବା ଏହି ଉପାଦାନକୁ ଆଧାରକରି ଚେତ୍ ବା ଅଧା-ଚେତ୍ ବା ଅଚେତ୍ ସମସ୍ତେ ପ୍ରାଣୀ ଓ ଆତ୍ମାର ଅଧିକାରୀ ।

ଏ ସମସ୍ତଙ୍କ ପ୍ରତି ଉପଯୁକ୍ତ ବିଚାର ଦେଖାଇବାକୁ ହେବ । ସେମାନଙ୍କର ଅନୁଭବ ଅଛି (FEELING) କିନ୍ତୁ ବଚାରଶକ୍ତି (INTELLECT) ନାହିଁ । କାହାର ଅଙ୍ଗପ୍ରତଙ୍ଗ ରହିଛି ବା ହେଉଛି । ଏମାନେ ସମସ୍ତେ ପ୍ରାଣୀ ଅର୍ଥାତ ଆତ୍ମାର ଅଧିକାରୀ ।

ଜୈନ ମତରେ ହଲଚଲ ହେବା ଆତ୍ମାର ଆଭାସ । ତେଣୁ ସେମାନେ ମଣିଷ, ପଶୁ, ଦେବତା, ନରକ-ବାସୀ, ଗଛଲଟା ଓ ଚାରି ଉପାଦାନ ମାଟି, ପାଣି ନିଆଁ ପବନ, ଇତ୍ୟାଦିକୁ ଆତ୍ମାର ଅଧିକାରୀ ଭାବୁଥିଲେ ।

ବିଜ୍ଞାନର ଆଲୋକ ନଥିବାରୁ ବାୟୁ ଓ ପବନ ବା ହାୱାର ପ୍ରଭେଦ ଜାଣି ନଥିଲେ । ବାୟୁ ଓ ଆକାଶର (ମରୁତ୍ ଓ ବ୍ୟୋମ୍) ନିର୍ଦ୍ଦିଷ୍ଟ ରୂପଲେଖ ପାଇ ନଥିଲେ ।

ଈଶ୍ୱରଙ୍କୁ ଖୋଜିବା ପାଇଁ ଏତେ ଜ୍ଞାନ ବା ବିଜ୍ଞାନର ଆବଶ୍ୟକତା ନଥାଏ । ତେଣୁ ଜୈନ ମତ ମୋଟାମୋଟି ଅହିଂସାର ଚରମ ରୁପର ଅଭ୍ୟାସ ଆରମ୍ଭ କଲେ ।

ଅହିଂସା ଅର୍ଥ ଅ-ହିଂସା । ଏହାକୁ ପାଳିବାକୁ ମଣିଷ ଜୀଇଁଲେ କେତେ ଅବା ମଲେ କେତେ ?

ଏହିସବୁ ପ୍ରଚାର ଚାଲିଥିଲା ବେଳେ ବୁଧଦେବ ଆସିଥିଲେ । ଜୈନଶାସ୍ତ୍ର କହେ ଯେ ବୁଧଦେବ ମହାବୀରଙ୍କ ଶିଷ୍ୟ ଥିଲେ । ଏହା ମଧ ସମ୍ଭବ ।

କାରଣ ବୁଧଦେବ ତାଙ୍କର ସାଧନାର ପ୍ରଥମ ଅବସ୍ଥାରେ ଶରୀର-ପୀଡ଼ିନ ଏତେ ଦୂର କଲେ ଯେ ତାଙ୍କର ଜୀବନ ଯିବା ଉପରେ ହୋଇଥିଲା ।

ସେଥିରୁ ରକ୍ଷା ପାଇଁ ବୁଧଦେବ କହିଲେ - ନାଁ, ଏଇ ଚରମ (EXTREME) ଅଭ୍ୟାସ ଭୂଲ ।ମଧପନ୍ଥା ନିଆଯିବା ଆବଶ୍ୟକ ।

ଦେହକୁ ତୁଚ୍ଛ ନକରି ଗୌଣ କରାଯିବା ଉଚିତ୍ । ଉପବାସର ଅର୍ଥ ହେଉଛି ଅଳ୍ପ ଆହାର ।ଦେହକୁ ଦେହ ସମ୍ଭାଳିଲା ପରି ରଖିବ ।ଲୋକ-ସମାଜ ଯେଉଁ ରିତିଗତି ପାଳୁଛନ୍ତି ସେଇ ଅନୁସାରେ ଧର୍ମ୍ମ ଚାଲିବ ।

ଫଳରେ ମହାବୀର ଜୈନ କହିଲେ ଆମିଷ ହେଉଛି ଅହିଂସାର ଶତ୍ରୁ ।କାରଣ ନିଜେ ହାତରେ ନମାରି ଅନ୍ୟ ହାତରେ ମରାଇଲ ନିଜ ପାଇଁ ।

ଶାକ୍ୟମୁନି କହିଲେ - ଏଇ ପ୍ରମାଦପୂର୍ଣ୍ଣ । ବୌଧ ଭିକ୍ଷୁ ଭିକ୍ଷା ଗ୍ରହଣ କଲାବେଳେ କେଉଁ ପଦାର୍ଥ ଭିକ୍ଷା ପାତ୍ରରେ ନେବ, ତାକୁ ବାଛିକରି ବା ବାରିବାର କଥା ନୁହେଁ ।

ସମସ୍ତେ ଜାଣନ୍ତି ଶାକ୍ୟମୁନିଙ୍କର ମହାପ୍ରୟାଣ ସମୟରେ ବାରାହା ମାଂସର ଶୁଖୁଆ ପାଇଁ ଶରୀରରେ କ୍ଷତିଗ୍ରସ୍ତ ହୋଇଥିଲେ ।

ଧର୍ମ୍ମ ସବୁବେଳେ ସମାଜକୁ ଆଶ୍ରୟ କରିଥାଏ । ରାଜା ଧର୍ମ୍ମ ପ୍ରତି ସହାନୁଭୂତି ନ ଦେଖାଇଲେ ସେ ଧର୍ମ୍ମ ତିଷ୍ଠି ନପାରେ ।

ଜୈନଙ୍କର ଅହିଂସାରେ ଯୁଧ ଅସମ୍ଭବ । ରାଜାଙ୍କର ଶିକାର ଅସମ୍ଭବ । ଅନ୍ୟର ନିପୀଡ଼ଜନକୁ ସହିବା ଆବଶ୍ୟକ ।ପ୍ରତିବାଦ, ପ୍ରତିରୋଧ ଓ ଶାସ୍ତିର ସ୍ଥାନାହିଁ ।

ଶାସକ ବା ରାଜା ତେବେ ଯୁଧ ନକରି ରାଜ୍ୟ ହରାଇବେ ।ନିର ପ୍ରଜାମାନଙ୍କୁ ବିନା କାରଣରେ ଅନ୍ୟର ଅଧୀନସ୍ଥ କରିଦେବେ ।

ଏମିତି ଧର୍ମ ଏଇ ସଂସାର ପାଇଁ ନୁହେଁ ।ହଁ କହିପାର ସେ ଯୁଧରେ ନୃଶଂସତା କରିବ ନାହିଁ । ବର୍ବର ପରି ପ୍ରାଣନାଶ କରିବ ନାହିଁ । ଯୁଧରେ ଶତ୍ରୁ ପକ୍ଷ ପ୍ରତି ସମଦୃଷ୍ଟି ଓ ସମବେଦନା ରଖିବ ।

ଏସବୁ ବୌଧ ଧର୍ମ୍ମରେ ସ୍ପଷ୍ଟ କାରଣ ନଥିଲା ।ତେଣୁ ମଗଧର ରାଜା ପ୍ରଥମ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ହେଲେ ।

ସେ ଜନ୍ମରୁ ବୌଧ ନଥିଲେ ।ପରେ ବୌଧ ହେଲେ ।ତାଙ୍କର ପୁଅ ଅଶୋକ ଜନ୍ମରୁ ବୌଧ ଥିଲେ ।ସେଇ ବୌଧ-ସ୍ତୁପ ଓ ବିହାର କରିଛନ୍ତି ।

ମାତ୍ର ସ୍ଥାନୀୟ ମତରେ ଦୁଇଜଣ ଅଶୋକ ଜଣାନଥିବାରୁ କବିତା, କିମ୍ବଦନ୍ତୀ ଓ ଧାରଣାରେ କେତେକ ପ୍ରମାଦ ରହିଯାଇଛି ।

ଜୈନମତ ଓ ବୌଧମତ ଓଡ଼ିଆ ମୁଲକରେ ସ୍ପଷ୍ଟ ସୂଚିତ ହୋଇନାହିଁ ।

ଜୈନ ମତରେ ପ୍ରଧାନ ବିଷୟ ହେଲା ଜ୍ଞାନ । ଜ୍ଞାନକୁ ସେମାନେ ଅସ୍ତ୍ର ବୋଲି କହିଥାନ୍ତି ।ଏଇ ଅସ୍ତ୍ର ହେଲା - ଉପାଦାନ ଅର୍ଥାତ୍ କ'ଣ ଜାଣିଲ ? ଆରଟି ହେଲା - କି

ପ୍ରକାରର ଜ୍ଞାନ ? ଅର୍ଥାତ୍ ବ୍ୟବହାର କରିବ କେମିତି ?

ଆମେ ଯେମିତି ଛୁରୀରେ ପରିବା କାଟିବାରୁ ଓ ମଣିଷ ମାରିପାରୁ । ଏଠି ଆମେ ଛୁରୀର ବ୍ୟବହାର ବା ଭାବ ବିଷୟରେ କହୁଛୁ । ସେମିତି ଜ୍ଞାନ ହେଲେ ବା କିଛି ବିଷୟ ଜାଣିଗଲେ ଆମେ ତାକୁ ଠିକ୍ ଭାବରେ ବା ଭୂଲ ବାଟରେ ବ୍ୟବହାର କରିପାରୁ ।

ନିଜର କଥା,ନିଜର ଚିନ୍ତା ଓନିଜର ଦେହକୁ ଭୁଲ ବାଟରେ ବ୍ୟବହାର କରିପାରୁ । ଠିକ୍ ବାଟ ଧରିବା ହେଲା ଜୈନମତ ।

ଜ୍ଞାନ ବା ଜାଣିବାକୁ ସେମାନେ ଦୁଇ ଭାଗରେ ବୁଝନ୍ତି । ତଥ୍ୟ ସଂଗ୍ରହ ବା କଥାଟା ବୁଝିବା ହେଲା ଗୋଟିଏ ଭାଗ । (COMPREHENSION) ସେଇଠୁ ଆସିଲା ବିଚାର- ଏହାକୁ ବ୍ୟବହାର ନକରି ରଖିଦେବି । ଏଇଠି ହେଲା - ତପସ୍ୟା ବା ସାଧନା ।

ମହାଭାରତରେ ଲେଖା ହୋଇଛି ସେ କଠୋର ବଚନ ଆଘାତ ଦିଏ । ସେ ଆଘାତ ବହୁତ ଦିନ ରହେ ଓ ବହେ ।

ସମସ୍ତେ ଜାଣନ୍ତି ସେ କଲମ ତରବାରୀଠାରୁ ଅଧିକ ମାରାତ୍ମକ ।

ଜୈନମାନେ ଜ୍ଞାନକୁ ଅପବ୍ୟବହାର କରିବାର ବିରୋଧୀ । ମଣିଷକୁ ଜ୍ଞାନ ଦ୍ୱାରା ଦୁଃଖ ଦେବାକୁ ନାରାଜ । ତେଣୁ ସେମାନେ ତର୍କ-ବିତର୍କର ଭାଷ୍ୟ,ବ୍ୟାଖ୍ୟା ଇତ୍ୟାଦି ସୃଷ୍ଟି କରି ନାହାନ୍ତି ।

ଅନ୍ୟମାନେ ଯାହା ଭାବି ପାରନ୍ତି । ଆମେ କିଛି କଥା ଜାଣିଛୁ ବୋଲି ସେ କଷ୍ଟ ନପାଉ ।

ଏହିପରି ଭାବଧାରା ପ୍ରଚାର ପାଇଁ ଜୈନମାନେ ଅନ୍ୟମତ ସହିତ ବିରୋଧରେ ପଡ଼ନ୍ତି ।

ଗୋଟିଏ ହେଲା ରହିବା ଜାଗା ବା ଆଶ୍ରୟସ୍ଥଳ । ବୌଧମାନେ ଏହାକୁ ହିନ୍ଦୁ ମଠର ଅନୁକରଣରେ ବୌଧ ବିହାର କହିଥାନ୍ତି । ଏଠାରେ ପ୍ରତିଦିନ ଭିକ୍ଷା କରି ଆସିଲା ପରେ ରହନ୍ତି । ଚର୍ତୁମାସ୍ୟରେ ରହନ୍ତି । କିନ୍ତୁ ପ୍ରଚାର କରାଯାଏ ଯେ ବୌଧ ଭିକ୍ଷୁମାନଙ୍କର କିଛି ନାହିଁ ।

ଜୈନମାନେ ଏହାର ବିରୋଧ କରନ୍ତି । ଘର ଅଛି ଓ ଘର ନାହିଁ ବୋଲି ଛଳନାର ପ୍ରଚାର କରାଯାଉଛି ।

ଉଭୟେ ଆତ୍ମାରେ ଆସ୍ଥା ରଖନ୍ତି । ଜୈନମାନେ ଆତ୍ମା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତ । ଆତ୍ମାକୁ ମାନିବା ଅର୍ଥ ଭିବଷ୍ୟତରେ ପୁରଷ୍କାର ମିଳିବାର ଭାବକୁ ମଧ ମାନିଯିବା । ତେଣୁ କର୍ମପ୍ରବାହ କେବେହେଲେ ନିସ୍ୱାର୍ଥ ହୋଇ ନପାରେ ।

ହିନ୍ଦୁ କର୍ମକାଣ୍ଡକୁ ବିରୋଦ କରାଗଲା ସତ । ବଦଳିରେ ଯେଉଁ ଉଚିତ୍ କର୍ମ ଓ ଧର୍ମ୍ମ ମୁଳକ କର୍ମମାନ କରାଗଲା । ସେଗୁଡ଼ିକର ଲକ୍ଷ୍ୟ ସମାନ - କ'ଣ ମିଳିବ, ଏଇ ଚିନ୍ତା ।

ଏହାର ଆଉ ଟିକିଏ କାରଣ ଅଛି । ହିନ୍ଦୁମାନେ ନିଜକୁ ଅର୍ଥାତ୍ ନିଜର ସ୍ୱରୂପ ବା ଆତ୍ମାକୁ ନିଜ ଦେହରେ ଚିହ୍ନିବାକୁ ଚେଷ୍ଟା କରୁଥିଲେ ।

ଜୈନମାନେ ସେଇ ଆତ୍ମାକୁ ବାହାର ଜଗତର ଦୃଶ୍ୟରୁ ଚିହ୍ନିବାରେ ମନ ଦେଇଥିଲା ।

ଅଶୋକ ଗଛରେ ଫୁଲ ଫୁଟାଇବାର ମାର୍ଗ ହେଲା ସୁବେଶା ନାରୀଟିଏ (ଅବିବାହିତା) ତାହାର ପାଦକୁ ଗଛରେ ଛୁଆଁଇବ । ବଉଳ (ବକୁଳ) ଫୁଳ ଭଲ କରି ଫୁଟାଇବାକୁ ଗଛ ମୁଳରେ ମଦଢ଼ାଳିବା ଆତ୍ମା ଥିବାର ପ୍ରମାଣ । ଜୈନମାନେ କହୁଥିଲେ ଚେତନା ହେଉଛି ଆତ୍ମା ।

ଆଉ ଏଇ ଆତ୍ମାର ମଧ ଭଲମନ୍ଦ ଓ ବାଛବିଚାର ରହିଛି । ବୌଧମାନେ ଏହି ପ୍ରକାରର ମତର ପୃଷ୍ଟପୋଷକତା କରୁ ନଥିଲେ ।

ଜୈନମାନେ ଦୃଢ଼ଭାବରେ କହୁଥିଲେ ଜୀବ ହତ୍ୟାର ବିଭିନ୍ନ ପର୍ଯ୍ୟାୟ ରହିଛି । ବିବା କାରଣରେ ଧାଇଁ ଗୋଡ଼େଇ ସାପକୁ ମାରିବା ଜୀବନହତ୍ୟା । ସାପ ସହିତ ଲଢ଼େଇ କରି ତାକୁ ମାରିବା ହତ୍ୟା । ସାପର ଚମଡ଼ା ପାଇଁ ତାକୁ ମାରିବା ମଧ ହତ୍ୟା । ସାପର ଗରଳକୁ ନେଇ ଔଷଧ କରିବାପାଇଁ ସାପକୁ ମାରି ମଧ ଜୀବହତ୍ୟା ।

କିନ୍ତୁ ହିନ୍ଦୁ ଜଗତରେ ହରିଣ ଚମ ଉପରେ ବସି ଆରଧନା କଲେ ଠାକୁର ଶୁଣନ୍ତି ।ବାଘ ଚମ ଉପରେ ବସି ଆରଧନା କଲେ ଦେବୀ ସନ୍ତୁଷ୍ଟ ହୁଅନ୍ତି । ତେଣୁ ଚମଡ଼ା, ସାଂସ, ରକ୍ତ, ପର (ପକ୍ଷ), ଅନ୍ତ, ପିତ୍, ଦାନ୍ତ, ହାଡ଼, ନଖ ଇତ୍ୟାଦି ପାଇଁ ହରିଣ, ମୃଗନାଭି, ଶାଳିଆ ପତନୀ, ବାଘ, ହାତୀ, ଗଣ୍ଡା ଇତ୍ୟାଦି ଅସଂଖ୍ୟ ପ୍ରକାରର କାରଣ ପାଇଁ ବିଭିନ୍ନ ଜଳ-ସ୍ଥଳ-ବାୟୁର ପଶୁପକ୍ଷୀ ଇତ୍ୟାଦିଙ୍କୁ ବଧ କରାଯାଇପାରେ ।

ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କେତେକ ବିଶେଷ ଦିନରେ ଓ ବିଶେଷ କାରଣରୁ ପ୍ରାଣୀ ହତ୍ୟା କରାଯାଇପାରେ ।

ଆଜି ମଧ ଏସବୁ ରହିଛି । ବଡ଼ ମନ୍ଦିରରେ ମାଛ ଭୋଗ ଦିଆଯାଉଛି । ଦେବାର ବିଧି ରହିଛି । ବ୍ୟବସ୍ଥା ମଧ ରହିଛି ।

ଜୈନମାନେ ଏହାର ବିରୋଧ କରନ୍ତି ।

କାର୍ଯ୍ୟ ଓ କାରଣ ଏକାଠି ଗୁନ୍ଥା । କାରଣୁ ପାପ ଜନ୍ମ ହୋଇପାରେ । ତେଣୁ କାର୍ଯ୍ୟଟି ମଧ ପାପରେ ବୁଡ଼ି ରହିଛି । ଏହାକୁ କରୁଥିବା ଓ କରାଉଥିବା ଲୋକ ଖୁସି ହୁଏ ଭଲକାମ କରୁଛି ବୋଲି । କିନ୍ତୁ ପ୍ରକୃତରେ ସେ ପାପକାର୍ଯ୍ୟରେ ଆନନ୍ଦ ପାଉଥାଏ ।

ତେଣୁ ଜୈନମତ ହେଲା ଆନନ୍ଦର ନଦାନକୁ (ଉପାଦାନ ଓ କାରଣ) ଭଲ କରି ବୁଝିବ । ଖାଲି ମନକୁମନ ଧର୍ମାତ୍ମା ବୋଲି ସାର୍ଟିଫିକେଟ୍ ଦେଲେ ଚଳିବ ନାହିଁ ।

ଏଥିରୁ ଗୋଟିଏ ବିଷୟ ସ୍ପଷ୍ଟ ସେ ସାମାଜିକ ପରବେଶର ଶିକ୍ଷାଦୀକ୍ଷା ଓ ଆଚାର ବିଚାର ନେଇ ଧର୍ମମତ ଓ ସାଧକର ଗୌରବ ।

ଗତ ଅଢ଼େଇ ହଜାର ବର୍ଷ ମଧରେ ଗାଉଁଲି ସାଧୁ ବା ମଫସଲି ସାଧକ ବିଶେଷ ସ୍ୱୀକୃତି ପାଇନାହାନ୍ତି । କଲିକତା, ମାନ୍ଦ୍ରାଜ, ବମ୍ବାଇ, ଦିଲ୍ଲୀ, ଆଦି ଆଗୁଆ ଅ□ଳରେ ବରେଣ୍ୟ ସାଧୁ ବାହାରିଛନ୍ତି । କଲିକତାରୁ ଦିଲ୍ଲୀକୁ ରାଜଧାନୀ ଉଠିଗଲା ପରେ କଲିକତା ମଧ ନିଖିଳ ଭାରତ କରିସୀମାର ସାଧୁ ସୃଷ୍ଟି କରିପାରିଲା ନାହିଁ ।

ଅଚ୍ୟୁତାନନ୍ଦ ଇତ୍ୟାଦିଙ୍କର ପରେ ଗତ ପା□ଶହ ବର୍ଷ ବା ପଚିଶି ପୀଢ଼ିରେ ଓଡ଼ିଶା ଜଣେ ମଧ ଉପଯୁକ୍ତ ମାନର ସାଧକ ଦେଲାନାହିଁ । ତେଣୁ ସବୁବେଳେ ମନେ ରଖିବାକୁ

ପଡ଼ିବ ଯେ ପାରିପାର୍ଶ୍ୱିକ ସମାଜ ଉଚ୍ଚ ସ୍ତରରେ ନ ହେଲେ ଉଚ୍ଚମାନର ଧର୍ମ୍ମମତ ମଧ ବାହାରି ପାରିବ ନାହିଁ ।

ଜୈନମତ ଓ ବୌଧମତକୁ ଏଇ ଦିଗରୁ ବିଚାର କଲେ ସେଇ ପୁରୁଣା ଶହେ ପୀଢ଼ି ତଳର ସ୍ଥାନୀୟ ଅବସ୍ଥା ଯେ ଧର୍ମ୍ମ ମତକୁ ରୂପ ଦେଇଥିଲା ଓ ଏହାଛଡ଼ା ଅନ୍ୟ ବାଟ ନାହିଁ - ଏତକ ବୁଝିଦେବ ନାହିଁ କିପରି ?

ଜୈନମତ କହେ - କାମନା (DESIRE) ନଥିଲେ କୁହାଯିବ ଯେ ସେ ଗୃହଶୂନ୍ୟ ବା ବାରବୁଲା ଯାଯାବର । କିନ୍ତୁ ଏଥବରେ ମଧ ବଡ଼ ଓ ସାନର ପ୍ରଭେଦ ରହିଛି ।

ସମସ୍ତେ ନିଜକୁ ରଖିବାକୁ ଚାହାନ୍ତି । ଏଇଟା ଜୀବନର ଧର୍ମ୍ମ । ଗଛଲତା, ପଶୁପକ୍ଷୀ, କୀଟପତଙ୍ଗ ଓ ମଣିଷ କେହି ହେଲେ ମରଣକୁ ଭଲ ପାଇ ନପାରେ ।

ଜୈନମତର ପ୍ରତିଷ୍ଠାତା ମହାବୀର ଦେଖାଇଲେ ସେ ଜୀବନକୁ ସଜ୍ଞାନରେ ମରଣ ଆଡ଼କୁ ଠେଲି ନେବା ହେଉଛି ବର୍ଗୋତ୍ମ ଧର୍ମ୍ମ ।

ଜୈନ ସାଧକଙ୍କର ମରିବାର ଧାରା ଅଦ୍‌ଭୂତ । ଏହି ଧାରାକୁ ସେମାନେ କ'ଣ ପାଇଁ ଆରମ୍ଭ କରି ତାଙ୍କର ସାଧନ ସମାଜରେ ଗୃହୀତକରାଇ ନେବା ମଧ ଅତ୍ୟନ୍ତ ଅଦ୍‌ଭୂତ ଓ ବିସ୍ମୟକର ।''

ସାଧକ ଯେତେବେଳେ ଜାଣିବ ଯେ ତାହାର ମରଣ ନିକଟ ହୋଇ ଆସିଲା, ଗୋଟିଏ ଲୋକନାୟକ ଯାଇ କିଛି ନଡ଼ା ଭିକ୍ଷାକରିବ ।

ତାକୁ ନେଇ ଗୋଟିଏ ଶୁଖିଲା ପରିସ୍କାର ଜାଗାରେ ପୋକଯୋଗ ଓ ଜନ୍ଦା ପିମ୍ପୁଡ଼ି ନଥିବା ଦେଖି ନଡ଼ା ପାରି ଦେଇ ତାହା ଉପରେ ଶୋକ ରହିବ ।

ଇଏ ହେଲା ତାଙ୍କର ମରଣ - ତୀର୍ଥ ଆଡ଼କୁ ଯାତ୍ରା । ଖାଦ୍ୟ କମାଇ ଦେବେ । ଆଗରୁ ଉପବାସ କରି କରି ଅଭ୍ୟସ୍ତ ହୋଇଥିବେ । ଖାଦ୍ୟ ଗ୍ରହଣ ବନ୍ଦ ହେବ ।

ସେଇ ନଡ଼ା-ବିଛଣା ଉପରେ ସେ ବେଶି ହଲଚଲ ହେବେ ନାହିଁ । ଖୁବ୍ ହେଲେ ସେଇଠି ସେ ଭିଡ଼ିମୋଡ଼ି ହେବେ । ଏତିକିରେ ଦେହ ଯେତିକି ସାଷ୍ଟମ ହେଲା । ଚାଲବୁଲ କରିବେ ନାହିଁ । ବିଛଣା ଛାଡ଼ିବେ ନାହିଁ । ମଳମୁତ୍ର ବେଗ ହେଉଥିବା ସମ୍ଭବ । କିନ୍ତୁ ସେ ବିଷୟରେ ଉଲ୍ଲେଖ ନାହିଁ ।

ସେମିତି ଜୀଇଁ ରହି ମଲାଙ୍କ ପରି ରହିଲେ ମୁଷା ଆସି କାମୁଡ଼ିପାରେ । ମଶା ନାଆଁସ ନିଶ୍ଚିତ କାମୁଡ଼ିବେ । ଜନ୍ଦା ପିମ୍ପୁଡ଼ି ଦେହକୁ ଖାଇବାରେ ମନ ଦେବେ ।

କିନ୍ତୁ ସାଧକ ସମ୍ଭଳି ହୋଇ ରହିଥିବ । ହଲଚଲ ହେଲେ ସେମାନଙ୍କ ଖିଆଖିଇରେ ବାଧା ହେବ । ତାଙ୍କୁ ସେ ହୁରାଡ଼ିବ ନାହିଁ । ମୁଷା କାମୁଡ଼ି ଖଣ୍ଡିଆ ଗଲେ ବି ସେ ସମ୍ଭାଳିବ ।

କି ପ୍ରକାରର କୃଚ୍ଛ୍ର-ସାଧନା ଅଭ୍ୟାସ କଲେ ଏପରି ସହି ସମ୍ଭାଳି ହେବ - ଯୁଧବିଭାଗ ବା ଗୁପ୍ତଚର ବିଭାକର ଶିକ୍ଷା କ୍ଷେତ୍ରରେ ଅନୁଭବୀ ଏହାର ଉତର ଦେଇ ପାରିଲେ ଅବା ପାରିବେ ।

ଶୁଣାଯାଉଥିଲା ଯେ ବାଲ୍ମୀକି ଋଷିଙ୍କ ଉପରେ ଉଇ ହୁଙ୍କା ହୋଇଯାଇଥିଲା । ସେଇ

ହୁଙ୍କା ଭିତରୁ ରାମ ନାମ ଶୁଭୁଥିଲା ।

ପୁଣି ଶୁଣାଯାଉଛି ତିନି ଚାରି ହଜାର ବର୍ଷ ତଳର ଗ୍ରୀକ୍ ସାଧକଙ୍କୁ ଚମଉଙ୍କୁଣୀ ଖାଇଯାଇ କଙ୍କାଳ କରିଦେଇଥିଲା ମରଣ ଆଗରୁ ।

ଭାରତବର୍ଷରେ ଜଣେ ଅଧେ ନୁହନ୍ତି ବହୁତ ସାଧକ ଏହି ପ୍ରକାରରେ ନିଜର ମୃତ୍ୟୁବରଣ କରୁଥିଲେ । ଏହାକୁ ଇଚ୍ଛା ମୃତ୍ୟୁ ବା ଆତ୍ମହତ୍ୟା ଯାହା କୁହାଯାଇପାରେ । କିନ୍ତୁ ଅସାଧାରଣ ମାନସିକ ବଳ ଦ୍ୱାରା ଓ ବହୁତ ଦିନର ଅଭ୍ୟାସ ଦ୍ୱାରା ନିଜର ମରଣଶୀଳ ଶରୀରକୁ ଜୈନ ସାଧକମାନେ ମନର ନିୟନ୍ତ୍ରଣରେ ରଖିଥିଲେ ।

ଜଣାଯାଇଛି ଯେ ଖ୍ରୀଷ୍ଟଆନ ଧର୍ମର ଆଦ୍ୟଯୁଗରେ ଯେତେବେଳେ ଅଣ-ଖ୍ରୀଷ୍ଟଆନମାନେ ଖ୍ରୀଷ୍ଟିଆନମାନଙ୍କୁ ନିଆଁରେ ପୋଡ଼ି ଦେଉଥିଲେ ସେତେବେଳେ ବହୁତ ଧର୍ମ-ପ୍ରାଣ ବ୍ୟକ୍ତି ସଜ୍ଞାନରେ ପୋଡ଼ି ଦେଉଥିଲେ । ନିଆଁରୁ ପଳାଇ ନାହାନ୍ତି ।

ହିନ୍ଦୁ ମତରେ ସହମରଣ ମଧ ଏହି ପ୍ରକାରର ବିଶ୍ୱାସ, ଧର୍ମ-ଆସ୍ଥା ଓ ନିଷ୍ଠାର ପ୍ରମାଣ ।

ଏଥିରୁ ବୁଝାଯାଉଛି ଯେ ମନ ହେଉଛି ଦେହ ଓ ଦେହର ଇନ୍ଦ୍ରିୟମାନଙ୍କର ପ୍ରଭୁ । ମନ ସେଇପରି ଦୃଢ଼ ଓ ଶୃଙ୍ଖଳିତ ହୋଇଥିଲେ ଇନ୍ଦ୍ରିୟମାନେ ଅପ୍ରାସଙ୍ଗିକ ।

ଆଜୀବନ ବ୍ରହ୍ମଚର୍ଯ୍ୟ ପାଳିବା ମଧ ଏଇ ଇନ୍ଦ୍ରିୟ-ନିୟନ୍ତ୍ରଣର ଗୋଟିଏ ଜଣାଶୁଣା ଦିଗ । ଆଧୁନିକ ବିଜ୍ଞାନ-ବିସ୍ମୟ ଯୁଗର ସ୍ପେଶ୍ (ଅନ୍ତରୀକ୍ଷ) ପରିକ୍ରମା ଓ ବିଶେଷ ପ୍ରକାରଣ ଯୁଧ ପାଇଁ ଯେଉଁ ଟ୍ରେନିଂ ଦିଆଯାଏ ସେଥିରେ ଇନ୍ଦ୍ରିୟର ପ୍ରବୃତି୍ ଓ ସ୍ୱାଭାବିକ ଗୁଣକୁ ସୁନିୟନ୍ତ୍ରିତ କରାଯାଏ ।

ଜୈନ ମତରେ ରୋଗକୁ ପ୍ରଧାନ ଶତ୍ରୁ ରୂପେ ଧରାଯାଏ । ସେମାନେ ମନେ କରନ୍ତି ଯେ ରୋଗ ହେବା ଉଚିତ୍ ନୁହେଁ ।

ରୋଗ ହେଲେ ତାହାର ସେବାକାରୀ ଆତ୍ମୀୟ ବିରକ୍ତ ହୁଅନ୍ତି । କିଛି ଦିନ ପରେ ରୋଗୀ ମଧ ସେଇ ସେବାକାରୀମାନଙ୍କ ଉପରେ ଚିଡ଼େ । ତେଣୁ ରୋଗ ନ ହୋଇ ସମସ୍ତ ଚେଷ୍ଟା ଜୈନମାନେ କରିଥାନ୍ତି ।

ବୋଧହୁଏ ତାଙ୍କର ମତ ଯେ ଖାଦ୍ୟ ରୋଗର କାରଣ । ରୋଗ ନ ଆଣିବାର ପ୍ରଧାନ ଉପାୟ ହେଉଛି ଧାରାବାହିକ ଉପବାସ । ଏହାକୁ ସାରା ଭାରତରେ ଲଂଘନ କୁହାଯାଏ । ପାଶ୍ଚାତ୍ୟ ଦେଶରେ ଫାଷ୍ଟିଙ୍ଗ୍ ନକହି SLIP MEALS କହିଥାନ୍ତି ।

ଏଇ ମରଣର କାର୍ଯ୍ୟାନୁଷ୍ଠାନରୁ ବୁଝାଯିବ ଯେ ସମକାଳୀନ ସାମାଜିକ ପରିସରରେ କାହାରି ବିଶେଷ କିଛି କାର୍ଯ୍ୟ ନଥିଲା ।

ହିନ୍ଦୁମାନେ ଘର ଛାଡ଼ି ଏକୁଟିଆ ବଣରେ ସାଧନା କରୁଥିଲେ । ଜୈନମାନେ ବୁଲାବୁଲି କରି ଧର୍ମ କଥା କହି ସମୟ କଟାଉଥିଲେ । ସେଥିପାଇଁ ଏଇ ଧର୍ମ ଆଜିର ଆଧୁନିକ ସମାଜରେ ଉପଯୁକ୍ତ ହୋଇ ପାରୁନାହିଁ ।

ମଣିଷ କିଛି କର୍ତ୍ତବ୍ୟ କର୍ମ ବା କାମଦାମ କରିବ ନା ଖାଲି କାମର ପାପ-ପୂଣ୍ୟ ଭାଗକୁ ମାପୁଥିବ । ଅଢ଼େଇ ହଜାର ବର୍ଷ ତଳେ ଏହି ପ୍ରକାରର ଜୀବନ ପାଇଁ ଗ୍ରାହକତା ଥିଲା ।

ଏବେ ସେଇଟା ଆସି ରହିଛି ନିରାମିଶାଷୀ ହେବାରେ ।

ସମସ୍ତେ ସମସ୍ତଙ୍କର ପରିପୂରକ । ଜୈନମାନେ ଆମିଷ ଛୁଅନ୍ତି ନାହିଁ । ନୈଷ୍ଠିକ ହିନ୍ଦୁମାନେ ମଧ ଆମିଷ ଘେନନ୍ତି ନାହିଁ । ଅନ୍ୟ କେତେକ ଲୋକ ନିର୍ଦ୍ଧିଷ୍ଟ ଦିନରେ (ରବି, ସୋମ, ଗୁରବାର ଇତ୍ୟାଦି) ଆମିଷର ପାଖ ପଶନ୍ତି ନାହିଁ । କେତେକ ନିୟମିତ ଆମିଷ ଖାଆନ୍ତି । ଦକ୍ଷିଣ ଓ ଉତ୍ତରରେ ଆମିଷ ପରେ ସ୍ୱତନ୍ତ୍ରତା ଅଛି । କିନ୍ତୁ ଖାଦ୍ୟରେ ଈଶ୍ୱର ପ୍ରାପ୍ତି ବା ପରମପଦ ଲାଭ କ'ଣ ସମ୍ଭବ ? ଏହାର ସ୍ପଷ୍ଟ ଉତ୍ତର କୌଣସି ଧର୍ମ ମତ ଦେଇନାହିଁ । ଏପରିକି ଉତ୍କଳୀୟ, ଅସମୀୟା, ଉତ୍ତର ଭାରତ ଓ ଦକ୍ଷିଣ ଭାରତର ବିଭିନ୍ନ ବ୍ରାହ୍ମଣ ଓ ଅବ୍ରାହ୍ମଣ ସମାଜରେ ଏଇ ଆମିଷ ଓ ନିରାମିଷ ଭାଗ-ବିଭାଗର ଧର୍ମଭିତ୍ତିକ ରୂପ ନାହିଁ । ଯାହା ଅଛି ସେତକ ଗଡ୍ଡାଳିକା ।

ଜୈନ ମତରେ ବିବିଧ ଜ୍ଞାନକୁ ଗୁରୁତ୍ୱ ଦିଆଯାଇ ନାହିଁ । କାରଣ ପ୍ରଚଳିତ ହିନ୍ଦୁ ମତ ଜ୍ଞାନ ଉପରେ ଗୁରୁତ୍ୱ ଦେଉଥିଲା । ଜୈନ ମତ ହିନ୍ଦୁ ମତର ବିରୋଧ କରି କହିଲେ -

ଯିଏ ଗୋଟିଏ ବିଷୟ ଜାଣିଛ, ସେ ସବୁ ବିଷୟ ଜାଣିପାରିଛି । ଯଏ ଅନେକ ବିଷୟ ଜାଣିଛି, ସେ କେବଳ ଗୋଟିଏ ବିଷୟ ଜାଣିଛି । କାରଣ ପ୍ରକୃତ ଜ୍ଞାନ ଗୋଟିଏ । ଇଏ ବହୁତ ରୂପରେ ଆସିପାରେ କିନ୍ତୁ ବହୁତ ପ୍ରକାରର ନୁହେଁ । ସେମିତି ଅନେକ ପ୍ରକାରଣ କ୍ଷତିକାରକ କାର୍ଯ୍ୟ ରହିଛି । ସ୍ତର ଓ ପ୍ରକାର ଭେଦ ରହିଛି । କିନ୍ତୁ ସଂଯମ ବା ନିୟନ୍ତ୍ରଣରେ ସ୍ତର ଓ ପ୍ରକାର ନାହିଁ ।

ସଂଯମ ବା ବାରିହୋଇ ରହିଯିବା ହେଲା ଜୈନ ମତର ଭିତିଭୂମି ।

ଜୈନମାନେ ଦୁଃଖ ବା କଷ୍ଟ (PAIN) ର କାରଣ ବୁଝାଇଚନ୍ତି । ବୌଧମାନେ କହନ୍ତି କାମନାର ବିନାଶ ହେଉଛି ଦୁଃଖର (କଷ୍ଟ pain) ବିନାଶ । ଜୈନମାନେ କହନ୍ତି ମୂଳ ହେଲା WARTH ବା କୋପ ବା କ୍ରୋଧ ବା ରାଗ ।

* କ୍ରୋଧ ଥିଲେ ଜାଣିବ ଗର୍ବ ଅଛି ।
* ଗର୍ବ ଥିଲେ ଜାଣିବ ଠକେଇ ରହିଛି ।
* ଠକେଇ ଥିଲେ ଜାଣିବ ଲୋଭ ରହିଛି ।
* ଲୋଭ ଥିଲେ ଜାଣିବ ସ୍ନେହ, ପ୍ରେମ ଆଦି ରହିଛି ।
* ଏଇ ଆକର୍ଷଣ ଥିଲେ ଜାଣିବ ଘୃଣା ଅଛି ।
* ଘୃଣା ଥିଲେ ଜାଣିବ ବିଚାରରଣ ଭ୍ରମ ଅଛି ।
* ବିଚାର ବିଭ୍ରାଟ ଥିଲେ ଜାଣିବ ମନୂତନର ଭ୍ରୁଣ ଅଛି ।
* ଏଇ ଭ୍ରୁଣ ଥିଲେ ଜାଣିବେ ନୂଆର ଜନ୍ମ ଅଛି ।
* ଜନ୍ମ ଥିଲେ ଅବଶ୍ୟ ମରଣ ଅଛି ।
* ମରଣ ପରେ ଜାଣିବ ନରକ ରହିଛି ।
* ନରକ ଥିଲେ ଜାଣିବ ତୁମେ ରହିବ ।
* ନିଜେ ରହିଛି ତେବେ ଜାଣିବ ଯେ ଦୁଃଖ ପାଉଛ ।

ଏଇ ମତ ଯୁକ୍ତ ନୁହେଁ । ପରୀକ୍ଷା-ସାପେକ୍ଷ ନୁହେଁ । କିନ୍ତୁ କ୍ରୋଦରୁ ଦୁଃଖ ଜନ୍ମ ହେବା

ହେଲା ବିଶ୍ୱାସ ।

ଅଢ଼େଇ ହଜାର ବର୍ଷ ଭିତରେ ପଚାଶ ପୀଢ଼ି ମଣିଷ ଏହାକୁ ନିଜର କରିପାରିନାହିଁ । ସବୁ ସେ ଠୁପ ଭଲା ବା ସେ ହଲିଲା ପାଣିକୁ ଗୋଡ଼ ବଢ଼ାଏ ନାହିଁ । ସେ ତାହାର ନଅ ଛଅରେ ନଥାଏ । ନୀତି ହିସାବରେ ଠିକ୍ । କିନ୍ତୁ ସଂସାର ହେଉଛି ବିଭିନ୍ନ ଲୋକଙ୍କର ସଂଘାତ । ସେମାନେ ରାଇଟ୍ ସାଇଡ଼ି ଓ ରଙ୍ଗ ସାଇଡ଼ି ଦୁଇ ଆଡେ । ତେଣୁ ଏଇ ମତିକୁ ପୂଜା କରି ବିରହିବା ସମ୍ଭବ ନୁହେଁ ।

ସେତେବେଳେ କି ଲୋକ ଏହାକୁ ନେଇ ତର୍କ ପ୍ରତିବାଦ କରୁଥିଲେ । ତେଣୁ କୁହାଗଲା ଯେ ଯେଉଁମାନେ ତୁମ କଥାରେ - ହାଁ ଜୀ ହାଁ ଜୀ - ନ କରିବେ ତାଙ୍କଠାରୁ ଦୁରେଇ ଯାଅ ।

ଗୀତରା ମଧ ସେଇ ଉପଦେଶ । ବୌଧମାନଙ୍କର ମତ କ'ଣ ଜଣାନାହିଁ ।

ସମସ୍ତଙ୍କ ପାଖରୁ ଅଢ଼େଇ ହୋଇ ଯାଇ ଜୈନ ଏକୁଟିଆ ବୁଲିବ । ସ୍ତ୍ରୀ ରହିବା ଅର୍ଥ ବ୍ରହ୍ମଚର୍ଯ୍ୟରେ ବାଧା । ତେଣୁ ଏକୁଟିଆ ହୋଇ ରହିବା ହେଲା ମାର୍ଗ ।

ଏଇ ମାର୍ଗରେ ଚୋର କି ଉତ୍ପାତ କରେ । ତାହାର ଦରକାର ଭିକ୍ଷା ପାତ୍ର ଓ ପିନ୍ଧିଥିବା ଆପରନ୍ ଓ ଗରମ ପୋଷାକ । ନ ଦେଲେ ସେ ହତିଆର ଚଳାଏ । .... ଜୈନମତ ହେଲା ଏ ସବୁ ସହିବ । ତୁମକୁ ବାଘ, ସାପ, ତସ୍କର ଓ ଖୁଣୀ ନାକେଦମ୍ କରିପାରନ୍ତି । ... ସହିଯିବା ହେଲା ତୁମର ଧର୍ମ - ଏକମାତ୍ର ଧର୍ମ ।

ଏହି ପ୍ରକାର ଆଦର୍ଶ ତିଷ୍ଠିପାରେ ନାହିଁ । ତେଣୁ ସହିବାର ବ୍ୟବହାରିକ ଦିଗକୁ ସୁପାରିସ୍ କରାଯାଇ ନଥିବାରୁ - ସହିବା - ମୂଲ୍ୟହୀନ ହୋଇ ପଡ଼ିଛି । ଖ୍ରୀଷ୍ଟିଆନ୍ ମତ, ବୌଧ ମତ ଓ ହିନ୍ଦୁ ମତ ଏଇ ସହିବା ଗୁଣକୁ ପ୍ରଶଂସା କରିଛନ୍ତି । ଆଦର୍ଶ ବୋଲି କହିଛନ୍ତି । କିନ୍ତୁ - ମତେ ଆଉ ମାରନାହିଁ, ମୁଁ ମଲେଣି - ଏଇ ବାକ୍ୟ ଦ୍ୱାରା ପ୍ରତିବାଦ ଓ ପ୍ରତିରୋଧକୁ ସଫଳ ରୂପ ଦେଇ ହୁଏନାହିଁ ।

ଜୈନ ମତର ଆରମ୍ଭ ହିନ୍ଦୁ ମତ ବିରୁଧରେ । ସେତେବେଳେ କେଜାଣି କେଉଁ ଯୁଗର ଅସଂଖ୍ୟ ଅସଂଖ୍ୟ ସାଧକ ନିଜ ନିଜର ସାଧନା ଦ୍ୱାରା ଧର୍ମଶାସ୍ତ୍ରକୁ ସୁପ୍ରତିଷ୍ଠିତ କରିଛନ୍ତି । ଜୈନମତ ଏହାର ବିରୋଧ ସବୁ ପ୍ରକାରରେ କରିବ । ହିନ୍ଦୁ ଶାସ୍ତ୍ର ଲେଖା ହୋଇଥିଲା ସଂସ୍କୃତରେ । ସଂସ୍କୃତକୁ କୁହାଯାଉଥିଲା ଦେବ-ଭାଷା ।

ତେଣୁ ମାନବ-ଭାଷା ପ୍ରକୃତରେ ଜୈନ ଧର୍ମ ଗ୍ରନ୍ଥ କୁହାଗଲା ବା ଲେଖାଗଲା । ଧର୍ମ-ସଂସ୍ଥାପକ ମହାବୀର କହିଲେ ଆତ୍ମା ଦେବତାଙ୍କର ଅଛି ଓ ମଣିଷଙ୍କର ଅଛି । ସେମିତି ଭାଷା ମଧ ସମାନ ।

ବୌଧ ଧର୍ମମତ ଆସିବା ବେଳକୁ ଜୈନମତ ହିନ୍ଦୁମତ ବିରୁଧରେ କାମ କରି ଅନେକ ସମର୍ଥନ ନେଇ ସାରିଛି । ତେଣୁ ବୌଧମତର ଭାଷା ହେଲା ପାଲି ।

ଏହିପରି ଭାବରେ ବାଦ-ବିବାଦ-ବିସମ୍ବାଦ ଧର୍ମ ରାଜ୍ୟରେ ମଧ ଚାଲେ । ଠାକୁର (ଦେବ-ଦେବୀ) ହଜିଯାଆନ୍ତି ଅବା ମୁଖ୍ୟ ଗୌଣ ହୋଇଯାନ୍ତି । ବ୍ରହ୍ମା, ଇନ୍ଦ୍ର, ବରୁଣ ଆଦି ଦେବତା ଲୁଚିଗଲେ ।

ହିନ୍ଦୁ ଧର୍ମର ବେଦ, ଉପନିଷଦ ଇତ୍ୟାଦି ପରି ଜୈନଧର୍ମର ସେଇ ମୁଖ୍ୟ ଶାସ୍ତ୍ର ହେଲା

ସିଧାନ୍ତ । ବୌଧ ଧର୍ମ୍ମର ଶାସ୍ତ୍ର ହେଲା ତ୍ରି-ପୀଟକ ବା ତିନି ପେଡ଼ି ।

ଜୈନମତ ପ୍ରଚାର କଲେ ସାତଟି ମୂଳ ନୀତି ।

ପ୍ରଥମଟି ଜୀବ । ଏହାର ଅର୍ଥ ଥିଲା ପ୍ରାଣବାହୁ ।

ଦ୍ୱିତୀୟଟି ହେଲା - ଅଜ୍ଞ ବା ଅଜ୍ଞାତ । ଏହାର ଅର୍ଥ ମୁଖି ନୁହେଁ । ଲୋକଟି ଠିକ୍ ଭାବରେ ବୁଝି ନାହିଁ ।

ତୃତୀୟଟି ହେଲା - ଆଶ୍ରବ । ଏହା ଅର୍ଥ ପ୍ରତିଶ୍ରୁତି ବା ସ୍ୱୀକାର । ଆଶ୍ରବ ହେଉଛି ନିଜର କର୍ମ ଦ୍ୱାରା ଆତ୍ମା ଉପରେ ଦାଗ ଲଗାଇବା । ଏହାକୁ ବୁଝିବାକୁ ହେବ ଛାୟାପାତ । ଯେମିତି ଖରାରେ ବହୁତ ସମୟ ରହିଲେ ହାତଗୋଡ଼ କଳା ପଡ଼ିଯାଏ ।

ଆଶ୍ରବର ବିପରୀତ ଅପରିଶ୍ରାବ । ଏହାର ଅର୍ଥ ଯେ ଲୋକଟିର କର୍ମ ଏପରି ହୋଇଛି ଯେ ଆମ ଉପରେ ସେଇ କର୍ମ କଳୁଷ ଲଗାଇ ପାରିନାହିଁ ।

ଏହାର ବ୍ୟବହାରିକ ଦିଗ ହେଲା ପ୍ରତ୍ୟେକ ପ୍ରକାରର କର୍ମରୁ ନିଜକୁ ଓହରାଇ ଆଣି ଖାଲି ଜୁଲୁ ଜୁଲୁ କରିବା ଚାହିଁ ବସିବା । ଶ୍ରୀ ଗୀତା ଏହି ମତର ବିରୋଧ କରେ । କର୍ମ ପ୍ରବାଦରୁ ମଣିଷର ଜନ୍ମ ସ୍ଥିତି ଓ ମୃତ୍ୟୁ । ତେଣୁ କର୍ମପ୍ରବାଦରୁ ଛୁଟି ନିଅ ନାହିଁ । ସେପରି କଲେ କ୍ଳୀବତ୍ୱ ଆସିବ ।

ଆଉ ଗୋଟିଏ ହେଲା ଅନାଶ୍ରାବ । ଏହାର ଅର୍ଥ କଳୁଷ ଲାଗିନାହିଁ ।

ବିଶେଷ ଶବ୍ଦ ହେଲା ଅପରିଶ୍ରାବ । ଏଇ ଲୋକର କର୍ମ ତାକୁ ଆଚ୍ଛାଦନ କରି ରଖିଛି । ସେ ଭୋଗିବ ମେଘ ଢ଼ଙ୍କା ସୂର୍ଯ୍ୟ ଯେପରି ଗୁଳଗୁଳିଆ କରନ୍ତି ।

ଚେତନା ଆସିଲେ ମଣିଷର ବିଚାର ଶକ୍ତି ଆସେ । ଏଇ ବିଚାରର ପୃଷ୍ଠଭୂମିରେ ସେ ବିଭିନ୍ନ ପରିବେଶର ଆଘାତ ପ୍ରତିଘାତ ସଂଘାତ ଦ୍ୱାରା କର୍ମର ଅଧିକାରୀ ହୁଏ । ତେଣୁ କର୍ମର ଫଳ ପାଏ ।

ଯେଉଁ କାରଣ ହୋଇଥାଉ, ଜାଣୁତରେ ବା ଅଜାଣତରେ ଯେପରି ହୋଇଥାଉ, ନିଆଁ ତାହାର ଫଳ ଦେବ । ମୁନିଆ ହତିହାର ନିଶ୍ଚୟ କ୍ଷତି କରିବ ।

ଏଇ କାରଣରୁ ମଣିଷ ଛୋଟା, କୁଜା, ଅନ୍ଧ, କାଲ, କୁଷ୍ଠରୋଗୀ ଓ ଗଣ୍ଠି ବେମାରିରେ ପଡ଼େ ।

ଏଇଠି ହେଲା ଧର୍ମ୍ମ ମତର ପୁରସ୍କାର ଦଣ୍ଡର ଉଦାହରଣ ।

ହିନ୍ଦୁମତ କହେ - ବିକଳାଙ୍ଗ ସଂପତ୍ତିରେ ଭାଗ ପାଇବ ନାହିଁ । କେତେ ଧର୍ମ୍ମ କାର୍ଯ୍ୟ କରିବାରେ ଦାବୀଦାର ହେବ ନାହିଁ ଠିକ୍ ସୈନ୍ୟ ବା ସିଗନାଲ ଚାକିରି ବା ସରକାର ଚାକିରି ପାଇଁ ବାରଣ ଥିଲା ପରି ସଂସାର କେବଳ ନିଖୁଣ ଲୋକଙ୍କ ପାଇଁ । ନିଖୁଣ ନ ହେଲେ ହିନ୍ଦୁ ତାନ୍ତ୍ରିକ ବଳୀ ମଧ ଦେଇ ନଥିଲେ ।

ଜୈନ ମତ ଏହି (ହିନ୍ଦୁ ମତର) ପ୍ରଚଳିତ ଦୃଷ୍ଟିଭଙ୍ଗୀକୁ ସମର୍ଥନ କରିଥିଲା ।

କିନ୍ତୁ ହିନ୍ଦୁମତର ଦାରିଦ୍ର୍ୟ ପାପ ସହିତ ଯୋଡ଼ା ହୋଇଥିବା ଯୁକ୍ତିକୁ ଅସ୍ୱୀକାର କରି

ଦାରିଦ୍ର୍ୟର ଉତ୍କର୍ଷତା ଜୈନ  ଓ ବୌଧ ଉଭୟେ ପ୍ରଚାର କରିଥିଲେ ।

ହେଲେ ହିନ୍ଦୁ ମତରେ ଶିଷ୍ଟ ପାଖାପାଖି ଋଷି ବା ସାଧକଙ୍କର ନିକଟ ପାହାଚ  । ଶିଷ୍ଟର ଶାସ୍ତ୍ରଜ୍ଞାନ ଥିବ କିନ୍ତୁ ଦଶଦିନରୁ ଅଧିକ ଖାଦ୍ୟ ନଥିବ ।

ଜୈନ ଓ ବୌଧ ଉଭୟ ମତ ପ୍ରଚାର କଲେ ଯେ ଭିକ୍ଷାପାତ୍ରରେ ନିଜର ଦରକାର ମୁତାବକ ଅଣାଯିବ । ସେତକ ଶେଷ କର ବା ନକର ପାତ୍ରକୁ ଶୂନ୍ୟ କରି ଧୋଇଧାଇ ରଖିଦେବ । ସଯ ନାହିଁ । ହିନ୍ଦୁ ଶିଷ୍ଟର ଦଶଦିନର ସଯ ମଧ ଦୋଷ ।

ଚତୁର୍ଥ ନୀତି ହେଲା - ବନ୍ଧା ଏହାର ଅର୍ଥ ବନ୍ଧନ  । ବଧ ଶବ୍ଦରୁ ବନ୍ଧର ଉତ୍ପତ୍ତି । ହିନ୍ଦୁ ମତରେ ମଣିଷ ମରଣାଯାଏ ବଧ ଜୀବନ  । ଜୈନ ମତ ହେଲା ମଣିଷ ନିଜର ଚେଷ୍ଟାରେ ବାନ୍ଧି ହୁଏ । ରେଶମ ପୋକ ବା ସମ୍ବାଳୁଆ ବାନ୍ଧି ହେଲାପରି । ତେଣୁ ଆଦର୍ଶ ହେଲା - ସବୁ ଅଡୁଆଠାରୁ ଦୂରକୁ ଯିବା । କାଦୁଅକୁ ଯିବି ନାହିଁ କି ଗୋଡ଼ ଧୋଇବି ନାହିଁ ।

୫ମ ମୂଳନୀତି ହେଲା - ସମ୍ବାର ବା ନିୟନ୍ତ୍ରଣ ।

ହିନ୍ଦୁମତ ହେଲା ଈଶ୍ୱରଙ୍କ ଫଳାଫଳ ସର୍ମପଣ କରି ଦେଇ କର୍ମ କରିଯାଅ  । କର୍ମରେ ପାପ ନାହିଁ । କର୍ମ ନକରିବା ହେଉଛି ପାପ ।

ଜୈନ ମତ ଥିଲା ନିୟନ୍ତ୍ରର ଲଗାମ୍ ।

ବୌଧ ମତରେ ଏଇ ନିୟନ୍ତ୍ରକୁ ଶୃଙ୍ଖଳିତ କରିଦେଲେ । ସେମାନେ ଏହା ଉପରେ ଗୁରୁତ୍ୱ ଦେଇ ସମ୍ବାର ବା ନିୟନ୍ତ୍ରଣକୁ ୫ଟି ସ୍ତରରେ ରଖିଲେ ।

ପାତିମୁଖୀ (ସମ୍ବାର) - ପାପ ପୁଣ୍ୟର ଫର୍ମୁଲା । ସମସ୍ତେ ମାନିବାକୁ ବାଧ । ସେଇଠୁ ହେଲା - ସତୀ ସମ୍ବାର । ମନଯୋଗର ନିୟନ୍ତ୍ରଣ କରିବାକୁ ହେବ । ଅତିରିକ୍ତ ଆଚ୍ଛନ୍ନ ହୋଇ ପଡ଼ିବ ନାହିଁ । ... ସେଇଠୁ ହେଲା ନାନା ସମ୍ବାର ବା ଜ୍ଞାନର ନିୟନ୍ତ୍ରଣ । ଗୁଡ଼ାଏ ଜ୍ଞାନ ଖୋଜିବ ନାହିଁ । ଦରକାର ମୁତାବକ ଜ୍ଞାନ ସଂଗ୍ରହ କରିବ । ତାପରେ କ୍ଷାନ୍ତି ସମ୍ବାର ବା ସହିବାର ନିୟନ୍ତ୍ରଣ । ଏତକ ଜୈନ ମତ ବିରୁଧରେ । ଜୈନ ମତ ହେଲା ଖାଲି ସହିବ - ସହୁଥିବ ବୌଧ ମତ ଏହାର ବିରୁଧରେ ଗଲା (କାରଣ ବୌଧ ମତ ହେଉଛି ମଧପନ୍ଥା .... ଶେରେ ହେଲା ବୀର୍ଯ୍ୟ ସମ୍ବାର  । ଇଏ ହେଉଛି ସଂଯମ  । ମାରଧର କରିବା, ଗାଳିଗୁଲଜ କରିବା, ଇନ୍ଦ୍ରିୟମାନଙ୍କର ଅପବ୍ୟବହାର କରିବାର ନିୟନ୍ତ୍ରଣ ।

ଆଧୁନିକ ଯୁଗରେ ଧର୍ମକୁ କୁହାଗଲା ସଦାଚାର-ସୁଶୀଳ-ସତ୍ ମଣିଷ  । ମଣିଷ ମଣିଷର ବାଟରେ ରହିବ  । ନିୟମ ମାନି ଇନ୍ଦ୍ରିୟ ସେବା କରିବ  । ବ୍ରହ୍ମଚର୍ଯ୍ୟ ପାଳିବ, କିନ୍ତୁ ବ୍ରହ୍ମଚର୍ଯ୍ୟ କେବଳ ପ୍ରତିଜ୍ଞାରେ ତୃଟି ବିଖୁତିର ଉପରକୁ ଯାଇ ପାରେ ନାହିଁ ।

ପଚାଷ ପୁରୁଷ (ପୀଢ଼ି) ତଳେ ଡ଼କାପଡୁଥିଲା - ବ୍ରହ୍ମଚର୍ଯ୍ୟ ହାନିହେଲା ତ ନରକକୁ ଚାଲିଲା । ... ନାରୀ ନରକର ଦ୍ୱାରା । .... ନାରୀକୁ ଛୁଇଁବ ନାହିଁ ..... ନାରୀର ଛୁଆଁ ଜିନିଷକୁ ମଧ ଛୁଇଁବ ନାହିଁ .... ନାରୀର ମୁହଁ ଆଡ଼େ ଆଖି ନ ପକାଇ ପାଦର ନଖକୁ ଚାହିଁବ । ....

ଜୈନ ମତର ଷଷ୍ଠ ମୂଳନୀତି ହେଲା ନିର୍ଜରା - ନିଜକୁ ତିଳ ତିଳ କରି ଶେଷ କରିଦିଅ । ଚାର୍ବାକ୍ ମତ (ଇଏ ମଧ ନାସ୍ତିକ ମତ) - ଏ ସଂସାର ଥିବ ଯେତେଦିନ, ଭୋଗ ଆନନ୍ଦ କରୁଥିବ ମନ ।

ଶେଷ ବା ସପ୍ତମ ଜୈନ ମୂଳନୀତି ହେଲା - ମୋକ୍ଷ ଯେ ଜୈନମତ ସାର୍ବଜନୀନ ହେବା ଦୁରୁହ । ଏହାର ଭଲ ଭଲ ଅଂଶକୁ କାମରେ ଲଗାଇ ଧର୍ମ ଅର୍ଜନ କରାଯିବାର ଚେଷ୍ଟା କରାଯାଏ ।

ସକାଳେ ପଡ଼ିଆରେ ବୁଲି ପିମ୍ପୁଡ଼ି ମନ୍ଦାରେ ଅଟା ବା ଚିନି ଦେବା । ଏହାକୁ କୀରାଟ-ଯାଗ କୁହାଯାଏ । ... ଉଡ଼ନ୍ତା ପାରାଙ୍କ ପାଇଁ ସୋରିଷ ବୁଣିବା ... ସକାଳର କାଉଙ୍କରମେଳା ପାଇଁ ଖୁଦ୍, ଚାଉଳ ଇତ୍ୟାଦି ପକାଇବା ... ପୋଖରୀର ମାଛଙ୍କୁ ଖାଇ ଖୁଆଇବା ...ଗାଈ ଓ ଷଣ୍ଢଙ୍କୁ ରୁଟି ଦବା ... କୁକୁରଙ୍କୁ ଜଳଖିଆ ଦୋକାନୀ ପିଆଜି ପକୁଡ଼ି ଦେବା .... ଇତ୍ୟାଦି ।

ଏଥିରେ ଭଲ ବିଷୟ ହେଲା କଥା କହିପାରୁ ନଥିବା ଜୀବଜନ୍ତୁଙ୍କର କଥା ଭାବିବା ।

କିନ୍ତୁ ଏଇ ପୋଷାକୀ କାମ କରିସାରି ଚାଉଳରେ ଗୋଡ଼ି, ତେଲରେଅଗରା ଇତ୍ୟାଦି ମିଶାଇ ଶୁଧ ଜିନିଷକୁ ଭେଜାଲ କରି ପଇସା ଅର୍ଜିବା । ଠକେଇବାର ବିଭିନ୍ନ ପ୍ରଣାଳୀ ଧର୍ମ ଉପରେ ସ୍ଥାପନ କରି ନିଜକୁ ସାଧୁ ବା ମହତ ଲୋକ ବୋଲାଇବା ।

ଜୈନ ସିଧାନ୍ତ (ହିନ୍ଦୁଙ୍କର ବେଦ ଓ ଇସଲାମ କୋରାନ କରି) ବାରଟି ଭାଗରେ ବିଭକ୍ତ ଦ୍ୱାଦଶ ଭାଗ ପୁଓ୍ୱସ୍ ଏବେ ଲୁପ୍ତ । ଆର ଏଗାରଟି - (୧) ଆୟାରାଙ୍ଗ ସୂତମ (୨) ସ୍ୱଙ୍ଗପଦ ଅଙ୍ଗମ୍ (୩) ଥାନା ଅଙ୍ଗମ୍ (୪) ସମବାୟ ଅଙ୍ଗମ୍ (୫) ନ୍ୟାୟ ଧମ କହ୍ୱା ଓ (୬) ଉଭାସ ଗଦାସାଓ (୭) ଅଙ୍କଗଦାଦା ସାଓ (୮) ଅନୁତ୍‌ରୋଭୈଦା ସାଓ (୯) ଭଗବତୀ (ଭିୟପନ୍ନାତି) (୧୦) ପନ୍‌ହା ବଗାର ନୈମ (୧୧) ବିଭାଗ ସୂର୍ଯ୍ୟ ।

ଏହି ପୁସ୍ତକମାନ ଯିଏ ଦେଖିବାର ସୌଭାଗ୍ୟର ଅଧିକାରୀ ହେବେ, ହୁଏତ ବୁଝିବେ ଯେ ଏଇ ଗ୍ରନ୍ଥମାନ କେତେକ ସାଧକଙ୍କର ନିଜସ୍ୱ ମତ । ଏଇ ଧର୍ମଶାସ୍ତ୍ର ସହିତ ଈଶ୍ୱର ବା ଧର୍ମ ବା ମହତ୍ ଆତ୍ମାର ସଂପର୍କ ହେଉଛି ଆଦର୍ଶ ।

ସମାଜର ଅଗ୍ରଗତିର ଭାବ-ଅଭାବ, ଓ ପ୍ରୟୋଜନୀୟତାର ସମାଧାନ ନ ଥିବାରୁ ଜୈନମତ ପାଖେଇ ଯାଇଛି ତେଣୁ ସାଧକଙ୍କର ପରମ୍ପରା ଏଥିରେ ନାହିଁ ।

ଜୈନ ମତରେ ଚବିଷଜଣ ତୀର୍ଥଙ୍କାର ଥିଲେ । ଜୈନ ଶବ୍ଦର ଗୋଟିଏ ଅର୍ଥ ହେଉଛି ତୀର୍ଥଙ୍କର ।

ଏମାନେ ବୌଧ ସଂସ୍କାର ଅନୁରୂପ । ବେଦକୁ ମାନନ୍ତି ନାହିଁ । ବ୍ୟକ୍ତିଗତ ବିଶ୍ୱଦେବ (Supreme God) ମାନନ୍ତି ନାହିଁ । ସେମାନେ କହନ୍ତି ଯେ ଇନ୍ଦ୍ରିୟ ସାହାଯ୍ୟରେ ଜଡ଼ବସ୍ତୁର (MATTER) ତାଲିକା କରାଯାଏ ସବୁ ଚିରନ୍ତନ (ମନ ଗୋଟିଏ ଇନ୍ଦ୍ରିୟ ଏଇ ବିଶ୍ୱବ୍ରହ୍ମାଣ୍ଡର ବାରମ୍ବାର ପର୍ଯ୍ୟାୟ କ୍ରମେ ପ୍ରକାଶ ହେଉଛି । ଗୀତାର ଶିକ୍ଷା ସେଇଆ ମଣିଷର ମନ (ମାନସ) ଅମର । ପଶୁଙ୍କର ମନ ମଧ ଅମର । ..... ତେଣୁ ଜୈନମାନଙ୍କୁ MASTICAL SECT କୁହାଯାଏ ।

ଉନ୍ନତ ହେଲେ ସାଧକ ନିଜର ଚେଷ୍ଟାପରେ ଶେଷ ନିଶ୍ୱାସ ଆଡ଼କୁ ଯାଏ । ଅନେକ ଲୋକ ଭଲ ନ ହୋଇ ପାରିଲେ ଖାଦ୍ୟ, ପାନୀୟ ସ ଔଷଧ ବନ୍ଦ କରି ଦେଇ ମୃତ୍ୟୁର ନିକଟକୁ ଯାଇଥାନ୍ତି । .... ସନ୍ଥ ବିନୋବାଂ ବାଭେଙ୍କର ଶେଷ ଦଶ ପନ୍ଦର ଦିନ .... ସାଧରକାର ସାଧନା ହେତୁ ଜୀବନ-ଦୀପକୁ ଲିଭାଇବାରେ ସାଧନା ... ଶେଷ ହେଉଛି

ନିର୍ବାଣ ।

ହିନ୍ଦୁ ମତରେ ଗୋଟିଏ ଶବ୍ଦ ଅଛି – ଅଭିଜ୍ଞ । ଏଥିରେ ସାଧକ ୫ଟି ଶକ୍ତି ପାଇଥାନ୍ତି । .... ଇଚ୍ଛା ଅନୁସାରେ ବଡ଼ ସାନ ହୋଇପାରନ୍ତି । (ଶ୍ରୀ ହନୁମାନଙ୍କର ଲଙ୍କା ଯୁଧ ଓ ପବନ-ସୁତ ଭୀଙ୍କର ପୁଅ ଘଟୋତ୍କଚ ମଲାବେଳେ ଚାପାରେ ଦୁଇ ଲକ୍ଷ ସୈନ୍ୟଙ୍କର ପ୍ରାଣହାନୀ) – ଦୁରରୁ ଅନ୍ୟର କଥା ଶୁଣିବା – ଦୁରରୁ ଅନ୍ୟ ସ୍ଥାନ ଦେଖିବା (ଆମ ଭିରେ କେତେକ ସାଧାରଣ ଗୃହୀଙ୍କର ଏହି ଶକ୍ତି ଅଛି – ଅନ୍ୟର ମନର ଭାବ ଜାଣିବା (୫ପକ୍ଷୀ ସାଧକମାନଙ୍କର ଏହି ଶକ୍ତି ରହିଛି) – ଅନ୍ୟର ଅତୀତ ଓ ବର୍ତମାନର ଅବସ୍ଥା (ଅନେକ ସାଧାରଣ ଲୋକଙ୍କର ଏହି ଶକ୍ତି ଅଛି) ।

ଜୈନ ଓ ବୌଧମାନେ ଏହାକୁ ଗ୍ରହଣ କଲେ ନାହିଁ । ସେମାନେ କହନ୍ତି – ଇଏ ହେଉଛି ଅସାଧାରଣ ସିଦ୍ଧି । ସେମାନେ ଅଭିଜ୍ଞ ପାଇଁ ଗୋଟିଏ ଶବ୍ଦ ଚଳାଇଲେ – ମହାତ୍ମା ବା ମହାନ୍ ଆତ୍ମା । ହିନ୍ଦୁ ମତରେ ମହାନ୍ ଆତ୍ମା ନାହିଁ । ପ୍ରଚଳିତ ବ୍ୟବସ୍ଥାନରେ ମହାତ୍ମା ଯୋଗ କରା ହୋଇ ଅନେକ କର୍ମଚୀର ଓ ଦାନବୀରଙ୍କ କୁହାଯାଉଛି ।

ଏହି ପରି ଭାବରେ ଧର୍ମ୍ମର ଆରମ୍ଭ ହୁଏ ।

ଧର୍ମ୍ମ ମତ (ନିଶ୍ଚିତରେ ଈଶ୍ୱରଙ୍କର ଆଶୀର୍ବାଦ ନେଇ ଜଣକଠାରୁ ଆରମ୍ଭ ହୁଏ । ଠିକ୍ ଗୋଟିଏ ନଈ ପରି । ପ୍ରଥମେ ଥାଏ ଗୋଟିଏ ଛୋଟ ଗଡ଼ିଆରପାଣିର ଧାରା । ସେଇ ଧାରା ଭୂମିର ଢ଼ାଲୁକୁ ଓର କରି ବୋହିଯାଏ । ହୁଏ ଇଂଲାଣ୍ଡର ଥେମସ୍ ନଈ ପରି ଦୁଇ ତିନି ଶହ ମାଇଲି ଥିବା ଆଫ୍ରିକାର ନାଇଲ ନଦୀ ପରି ଚାରି ହଜାର ମାଇଲ । ... ଧର୍ମ୍ମମତ ମଧ ସେମିତି ଆରମ୍ଭ ହୋଇ ତାହାର କାର୍ଯ୍ୟ ଶେଷ କରି ଚାଲିଯାଏ ।

ଯେଉଁ ଗୋଟିଏ ଧର୍ମ୍ମଗତ ବା ସାଧାକ ଦେଖା ଦିଅନ୍ତ । ସେଇ ଏକାଧିକ ସାଧକ ଦେଖା ଦିଅନ୍ତି । ଏକାଧିକ ସାମାନ୍ୟ ପରିବର୍ତ୍ତିତ (MODIFIED) ଧର୍ମ୍ମ ମତ ଆରମ୍ଭ ହୁଏ । ଘୋର ଜଙ୍ଗଲରେ ବା ନିପଟ ମଫସଲରେ ଏସବୁ ହୁଏ ନାହିଁ । ସମକାଳୀନ ବଡ଼ ପେଣ୍ଡରେ (ବିଦ୍ୟା ବା ଦନ ଧନ ବା ବାଣିଜ୍ୟ ବା ଦୁର୍ନୀତି) ଏମାନଙ୍କର ଜନ୍ମ ।

ସେଇ ଧର୍ମ ମତ (ନିମ୍ନ ବା ଉଚ୍ଚବା ମଧ ପ୍ରାଥମିକ ବିଦ୍ୟାଳୟ ପରି) ତାହାର ଶିକ୍ଷା ଦେଇ ସାରିବା ପରେ ସେମିତି ପାଠଶାଳା ହୋଇ ରହିଥା, । ଇତିହାସ କହେ ସେ ଧର୍ମ୍ମ ମତର ଆଉ ଗ୍ରାହକତା ନାହିଁ । ତେଣୁ ଯିଏ ଥିଲେ ତାଙ୍କରି ପରିବାରରେ ସେଇଟି ରହିଥାଏ ।

ଏବେ ଜୈନ ମଧ ଅଛନ୍ତି । ସେମାନେ ନିରାମିଶାଷୀ । (ସବୁବେଳେ ଭାରତ ବର୍ଷରେ ନିରାମିଷ ଖାଦ୍ୟ ଧନ ସୃଷ୍ଟି କରେ । କାହିଁକି ଓ କିପିର କରେ ବୁଝାଯାଏ ନାହିଁ । ଗରିବ ଜୈନ ପ୍ରାୟ ବିରଳ ।)

ତାଙ୍କର ଅନେକ ଭଲ କଥା ରହିଛି । ଗୋଟିଏ ଭାବାବେଶ ବା ପ୍ରବଳ ଇଚ୍ଛା । (PASSION) ଦମନ କଲେ ସବୁ ସ୍ତରର ପାସନକୁ ନିୟନ୍ତ୍ରଣ କରିହବ । ଅନେକ ପାସନ ନିୟନ୍ତ୍ରଣ କରିବାକୁ ଚାହିଁଲେ କେବଳ ଗୋଟିଏ ପାସନ୍ ନିୟନ୍ତ୍ରଣ ହେବ ।

ସବୁଠାରେ ଏହି ନୀତି ।

କ୍ରୀଡ଼ା ଜଗତରେ ଶହେ ମିଟର ଦୌଡ଼ ବା ହାଇଜମ୍ପ ବା ଲଙ୍ଗଜମ୍ପରେ ସୁନା ମେଡ଼ଲା ମିଳେ । ସେମିତି ଛବିଶ ମାଇଲ (ମାରାଥନ ଦୌଡ଼) ବା ଷ୍ଟିପଲ୍ ଚେଜ (ବାଧା ବିଘ୍ନ ଦୌଡ଼)

ବା ପୋଥେଲନ୍ (୫ଟି ବିଷୟ ବା ଡ଼େକାଥେଲେନ୍ (ଦଶଟି ବିଷୟ) ପ୍ରଥମ ହେଲେ ସେଇ ସୁନା ମେଡ଼ାଲ ଗୋଟିଏ ପ୍ରଶଂସାର ଆକାର ମଧ ସମାନ ।

ଏହାକୁ ଓଡ଼ିଆରେ କୁହାଯାଏ - ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି, ହାତୀ ଚାଲି ଚାଲି ସେଇଠି ।

ଜୈନ ନୀତି ହେଲା ନିଜର ଇଚ୍ଛାରେ ବା ଜ୍ଞାନରେ କର୍ମଠାରୁ ଦୂରେଇ ଯିବା ସଂସାରରେ ବାନ୍ଧି ହୋଇ ରହିବା ପାଇଁ କର୍ମ ହେଉଛି ଶୃଙ୍ଖଳା ।

କର୍ମରେ ବାଂଧି ହୁଅ ନାହିଁ । ୫ଟି ପ୍ରତିଜ୍ଞା ବା ବ୍ରତ ପାଳନ କରିବ ।

ପ୍ରଥମ ବ୍ରତ - ମୁଁ ପ୍ରାଣୀ ହତ୍ୟା କରିବି ନାହିଁ କିମ୍ବା ପ୍ରାଣୀ ହତ୍ୟାର କୌଣସି ପରବର୍ତ୍ତୀ ପର୍ଯ୍ୟାୟରେ ସାମିଲ ହେବି ନାହିଁ ।

ପଶୁ ଚର୍ମ, ରକ୍ତ ମାଂସ ଆଦି ମୋର ଜପରେ ବା ରୋଗ ବୈରାଗ ବା ଅସ୍ତ୍ରଶସ୍ତ୍ର ରୂପେ ବ୍ୟବହାର କରିବ ନାହିଁ ।

ହିନ୍ଦୁ ସନ୍ୟାସୀ ଓ ବୌଧ ଭିକ୍ଷୁ ଦଣ୍ଡ ଧରିପାରେ ଜୈନ ଦଣ୍ଡ ଧରିବ ନାହିଁ ।

ଯିଏ ହଲୁଛି ସେ ବିଛି । ଯିଏ ହଲଚଲ ହେଉନାହିଁ, ତାହାର ମଧ ପ୍ରାଣ ଥାଇପାରେ ତେଣୁ ବୁଝି ବିଚାରି ଚଲୁଥିବି ।

ଦେହ-ମନ-ବାକ୍ୟ, ପ୍ରତ୍ୟେକ ରୂପରେ ମୁଁ ଅହିଂସ ରହିବି ।

ଚାଲିଲାବେଳେ ସାବଧାନ ହୋଇ ପାଦ ପକାଇବି .... ଭାବିବା ବେଳେ ସାବଧାନ ରହିବି, ଯେମିତି ଅପରର କ୍ଷତିକାର ଭାବନା ନ ଆସିବ । କଳି ତକରାଳ, ମିଛ-ଚୁଗୁଲି, ଅନ୍ୟର ଦୋଷ ଦୁର୍ବଳାତା କଥା ଭାବିବି ନାହିଁ । .... କଥା କହିଲେ। ବେଳେ ସାବଧାନ ରହିବି । ସେମିତି ମୋର ଭିକ୍ଷାପ୍ରାପ୍ତକୁ ତଳେ ଥୋଇଲା ବେଳେ ସାବଧାନ ହୋଇ ରଖିବି । କାରଣ ଏହାର ଚାପରେ କେତକ ପୋକ ପିମ୍ପୁଡ଼ି ମରିପାରନ୍ତି ।

ନିଜେ ଖାଇବାବେଳେ ଖାଦ୍ୟକୁ ସାବଧାନ ହୋଇ ଦେଖି ଖାଇବ । (ପଚରା କଦଳୀ ଫେଣାଏ ଆଣିଲା । ସେଥିରେ ପୋ-ପିମ୍ପୁଡ଼ି ଥାଇପାରନ୍ତି । ଖାଉ ଖାଉ ଜୀବହତ୍ୟା ହେବାର ଆଶଙ୍କା ଅଛି ।

ପାଣି ପିଲା ବେଳେ ଛାଣି କରି ପିଇବ । ସବୁବେଳେ ମୁହଁରେ ପଟି ବାଂଧିଥିବ ।

ମୋଟ କଥା ହେଲା ନିଜର ସବୁ କାମର ପ୍ରଧାନ ଲକ୍ଷ୍ୟ - ଜୀବହତ୍ୟା ହେବ ନାହିଁ ।

ଏହି ମତକୁ ପାଳିରେ ଧର୍ମ୍ମ ହେବ । କିନ୍ତୁ କଳ କାରଖାନା କୋଠାବାଡ଼ି, ବା ସାଇକେଲ-ମଟର ବା କଠଉ - ଯୋତା ଇତ୍ୟାଦି ହବ ନାହିଁ । ବସିବା ଚଉକି ଟେବୁଲରୁ ଛାରପୋକ ବା ଖଟମଲ୍ କାହାରି ଲୁଗାରେ ବସା ବାଂଧିବେ । ୧୯୮୮ ରେ ଏହି ବ୍ରତ ପାଳନ କରିବାର ପରିବେଶ ନାହିଁ ।

ଅଦ୍ୟାବଧି ଜୈନ ଧର୍ମ୍ମଶାଳାମାନଙ୍କରେ ଛାରପୋକଙ୍କ ହା ଜୋର ରହିଛି । ସେମାନେ

ଭାତ ଡ଼ାଲି ଖାଆନ୍ତି ନାହିଁ । ମଣିଷ ରକ୍ତ ଖାଆନ୍ତି ।

ଲୋକ ଡ଼ାକି ଡ଼ାକି ଯାଏ - ଖଟମଲ୍ ଖିଲାଏଗା ? ଛାରପୋକ ଖୁଆଇବ ?

ଅଧଘା ଓ ଘା ଅନୁସାରେ ମଜୁର ଠିକ୍ କରି ଲୋକ ଯାଇ ଛାରପୋକ-ଭରା ଖଟ ବା ଖଟିଆରେ ଶୁଏ । ଛାରପୋକ ରକ୍ତ ପିଇଲେ ବି ସେ ହଲଚଲ ହୁଏ ନାହିଁ ।

ଦ୍ୱିତୀୟ ବ୍ରତ .... ମିଛ କହିବି ନାହିଁ । ରାଗ ହେଲେ ବା ଲୋଭ ଲାଗିଲେ ବା ଭୟ ହେଲେ ବା ଥଟା-ଟାହୁଲ- ଟାପରାରେ ମଧ ମିଛ କହିବି ନାହିଁ । ମୋ' ଅଗାରେ ଅନ୍ୟ ଲୋକ ବି ସେମିତି କହିବେ ନାହିଁ ।

ମନରେ, କଥାରେ, ଠାଠରାରେ କି ମିଛ କହିବି ନାହିଁ ।

ଇଏ ଗଲା ଅହିଂସା ଓ ସତ୍ୟ ।

ଏହାର ଛୋଟ ଅଂଶ ହେଲା - ଆଗ ଭାବିବି, ତାପରେ କଥା କହିବ । .... ରାଗ, ଲୋଭ, ଭୟ ବା ମଉଜ ମଜଲିସରେ କହି ଚାଲିବି ନାହିଁ । କାରଣ କଥା ମଧ ପାପ (ଝସଭ) ଓ ହିଂସା (ଓଭହଙ୍କକ୍ସଛ) ସୃଷ୍ଟି କରି ପାରେ ।

ତେଣୁ କାୟ-ମନ-ବାକ୍ୟରେ ଅହିଂସା ଓ ସତ୍ୟ ନିଜର ବ୍ରାତ ଭାବରେ କରାହେବ ।

ତୃତୀୟ ବ୍ରତ ହେଲା - ହାତଉଠା କରିବ ନାହିଁ । ସାମାନ୍ୟ ଛୋଟ ଜିନିଷଟିଏ ବି ନୁହେଁ । .... ଭାବି, ବିଚାରି, ଏ ବୁଝି ମାଗିବି । ସମସ୍ତଙ୍କୁ ମାଗିବି ନାହିଁ । ଯେତିକି ଦରକାରସେତିକ ନେବି ।

ଖାଇଲା ବେଳେ ଅନୁମତି ନେଇ ଖାଇବି (ମଠ ଓ ଦଳ ଓ ଜମଉତ୍ ନଥିବାର କଥା । ତାହା ହେଲେ ଏଇ ଗୁରୁଜନ କିଏ ? .... ବୋଧହୁଏ ତୀର୍ଥଙ୍କର ।..... ଆମର ଯେମିତି ପାଟିକୁ ଭାବ ନେବା ଆଗରୁ ଥାଳି ପାଖରେ ବସି ଆଖିକୁ ବୁଜି ଭଗବାନଙ୍କୁ ସ୍ମରଣ କରି ଖାଉ ଅବା ସାଧୁ ପଙ୍ଗତରେ ଯେମିତି ଗୁରୁଦେବ ବା ପ୍ରତିଷ୍ଠାତା ବା ଈଶ୍ୱରଙ୍କର ନାମ ନିଆଯାଏ ।)

ଏଇ ବ୍ରତ କାରଣ ହେଲା - ଆମେ କୌଣସି ବିଷୟରେ ସର୍ବମୟ କର୍ତା ନୋହୁଁ ।

ସାଧକ ଯଦି କେଉଁଠି ରହିଛି, ତେବେ ଯେତିକି ଦରକାର ସେତିକି ଆନ ହେବ ଓ ସେଥିରେ ମୋରୁଷୀ ସତ୍ୱ କାଢ଼ିବ ନାହିଁ । ରେଳଡ଼ବାରେ ଆଗ ଚଢ଼ିଛି ବୋଲି ହାତ, ଗୋଡ଼, ଗଦି ତକିଆ ଦେଇ ମାଡ଼ି ବସିବି ନାହିଁ ।

ଚତୁର୍ଥ ବ୍ରତ ହେଲା - ବ୍ରହ୍ମଚର୍ଯ୍ୟ । ଇନ୍ଦ୍ରିୟ-ପରାୟଣ ହୋଇ ଇନ୍ଦ୍ରିୟ ସୁଖ ପାଇଁ ଦେବତା, ମଣିଷ ବା ପଶୁଙ୍କ ସହିତ କାମକ୍ରୀଡ଼ା କରିବ ନାହିଁ । ମୋ' ଅଗାରେ ବା ମୋର ଜ୍ଞାନ ସାରରେ ଅନ୍ୟ କେହି ଏସବୁ କରିବେ ନାହିଁ ।

ଅଢ଼େଇ ହଜାର ବର୍ଷ ଆଗରେ ଭାରତ ବର୍ଷରେ ବ୍ରହ୍ମଚର୍ଯ୍ୟକୁ କେନ୍ଦ୍ର କରି ଦେବତା-ମଣିଷ-ପଶୁର ଭାଗ-ବିଭାଗ ଥିଲା । ଏଇ ଅଠାଅଶି ମସିହାରେ ମଧ ସେଇଆ ରହିଛି । ଆଜି ମଧ କେତେକ ନାରୀ ଅବିବାହିତ ରହି ଦେବତାଙ୍କୁ ପତି ରୂପେ ବରଣ କରି ପୂଜା ଅର୍ଚ୍ଚନା କରୁଛନ୍ତି ।

ପ୍ରବାଦ ଓ ଜନଶ୍ରୁତି ଅନୁସାରେ ଓଡ଼ିଶାରେ, ତାମିଲିନାହଡ୍ଡୁ, କେରଳ ଓ କର୍ଣ୍ଣାଟକରେ ଦେବତା (ଠାକୁର) ମଣିଷଙ୍କୁ ନିଜର କରି ନେଇ ଥିବାର କଥା ରହିଛି । କେତେକ ପୁରୁଷ ମଧ ଦେବୀ (ଠାକୁରାଣୀଙ୍କୁ) ନିଜର ସ୍ତ୍ରୀ କରିବାର ଉଲ୍ଲେଖ ସିଧ-ସାଧକଙ୍କର ଜୀବନୀରେ ଲିପିବଧ ହୋଇ ରହିଛି ।

ଜୈନ ଯୁଗର ଆଉଣି ଅଢ଼େଇ ହଜାର ବର୍ଷତଳେ ମହାଭାରତ ଯୁଧ ସମୟରେ ଦେବତାମାନେ ମଣିଷ (ନାରୀଙ୍କୁ ସନ୍ତାନବତୀ କରିବାର ପ୍ରମାଣ ଅଛି । ଓଡ଼ଆ ଓଷା ପର୍ବର କାହାଣୀରେ ମଧ ଦେବତା ଓ ମଣିଷଙ୍କର ପ୍ରୀତିର କାହାଣୀ ରହିଛି ।

ବିଗତ ପଚାଷ ବର୍ଷ ମଧରେ ଓଡ଼ିଶା ମୂଳକରେ ଏହି ପ୍ରକାରର ସମ୍ବଧର ସମ୍ବାଦ ନାହିଁ । ଏହା ବଦଳରେ ବିଭିନ୍ନ ସାଧକମାନଙ୍କୁ ନାରୀମାନେ ପଦ-ସେବା-ଯୋଗ୍ୟ ପୁରୁଷ ରୂପେ ଅଭିଳାଷ କରୁଥିବାର ଅସଖ୍ୟ ପ୍ରମାଣ ରହିଛି ।

ଜୈନ ମତରେ ପ୍ରଥମ ଅବସ୍ଥାର ଦିଗମ୍ବର ବା ନଙ୍ଗୁଳୀ ସାଧକମାନଙ୍କ ପ୍ରତି ସମକାଳୀନ ସମାଜର ନାରୀମାନଙ୍କର ଆକର୍ଷଣରୁ ବିଭିନ୍ନ ଉପସର ଦେଖା ଦେବାରୁ ଶ୍ୱେତାମ୍ବର ଜୈନ ସଂପ୍ରଦାୟ ସୃଷ୍ଟି ହେଲା ।

ତଥାପି ଏଇ ଅଠାଅଶି ମସିହାରେ ମଧ ନଙ୍ଗୁଳୀ ବାବାଜୀ ସଂପ୍ରଦାୟ ରହିଛି । ଏମାନଙ୍କୁ ଅବଧୂତ (ବା ଅଦଭୂତର ଅପଭ୍ରଂଶ) କୁହାଯାଏ । ମଙ୍ଗୁଳୀ ସାଧିବା ମଧ ଅଛନ୍ତି ।

ଏହାପରେ ଲୁଗାପିଁଧାକୁ ଧର୍ମ୍ମ ସଂପ୍ରଦାୟ ସମସ୍ତେ ଗ୍ରହଣ କରିନେଲେ । ବୌଧମାନଙ୍କର ଲୁଗାପିନ୍ଧା ବେଶ୍ କଡ଼ାକଡ଼ି । ଭିତରେ ଓ ବାହାରେ ଆଣ୍ଟୁ ଲୁଚା ପୋଷାକ ରହିଛି । ଶ୍ୱେତାମ୍ବର ବା ଶୁକ୍ଳାମ୍ବର ଜୈନମାନେ ମଧ ଏହକୁ ଗ୍ରହଣ କରିଦେଲେ । ମୋଟାମୋଟି ସବୁ ଧର୍ମ୍ମରେ ଢ଼ିଲା ଦେହ-ଢ଼ଙ୍କା ଅଙ୍ଗ-ବସ୍ତ୍ର ବା ଆଲଖୋଲା (ଆରପନ୍) ସମସ୍ତଙ୍କର ହୋଇଯାଇଛି ।

କିନ୍ତୁ ମଣିଷ ସହିତ ମଣିଷର ସମ୍ବନ୍ଧ - ବ୍ୟଭିଚାରର ପ୍ରଧାନ ଉପାଦାନ ହୋଇ ରହିଛି । ଇଏ ଥିଲା ବେଦ ଯୁଗରେ - ଭୂମି ହରଣ, ନଦୀ-ହରଣ, ପଶୁ-ହରଣ, ପକ୍ଷୀ-ହରଣକୁ ପାତକ କୁହାଯାଉଥିଲା । ଏଥବରେ ସମ-ଲିଙ୍ଗୀ ଓ ବିଷମ-ଲିଙ୍ଗୀ ଯୌନକ୍ରିୟା ନିଶ୍ଚିତରେ ସମାଜରେ ଦେଖା ଯାଉଥିଲା ।

ଏହାର ପ୍ରତିକାର ସ୍ଥିର କରିବା ଦୁସାଧ । କିନ୍ତୁ ଶାସ୍ତ୍ରରେ ବାରଣ କରାଯାଉଥିଲା । ଜୈନ ମତରେ ଚତୁର୍ଥ ବ୍ରତ (ପ୍ରତିଜ୍ଞା) ଥିଲା । - ଏଇ ବ୍ରହ୍ମଚର୍ଯ୍ୟ ଉପରେ । ଅହିଂସା, ସତ୍ୟ ଓ ଭିକ୍ଷାବ୍ରତ ପରେ ଦିଆଗଲା ।

ସାଧକ ସ୍ତ୍ରୀ ମାନଙ୍କର କଥା ଅପ୍ରାସଙ୍ଗିକ ଭାବରେ କହିବ ନାହିଁ । ସ୍ତ୍ରୀଙ୍କର ରୂପମୁ ମନରେ ହେଜିବନାହିଁ ।

ଏପରିକି ସାଧକ ଜୀବନକୁ ଆସିବା ଆଗରୁ ନାରୀ-ସଂସର୍ଗ ବା ନାରୀ-ସଂଭୋଗର ଚିତ୍ର ମନକୁ ମୋଟେ ଆଣିବି ନାହିଁ ।

ସେ ମସଲା-ଦିଆ, ଜଠର-ଅଗ୍ନି-ଉଦ୍ଦିପକ ଖାଦ୍ୟ ଖାଇବ ନାହିଁ । ଖାଦ୍ୟ ପରିମିତି ଓ ମଦ ମଧ ପରିମିତ ।

ସେହି  ଅତୀତରେ ମଦ ଖାଇବା ମଧ ଅତି ସାଧାରଣକଥା ଥିଲା । ପାନୀୟ କହିଲେ ଆମେ ପାଣି ବୁଝୁଛୁ । କିନ୍ତୁ ପାନୀୟ ଅର୍ଥ ମଦ-କାଗଜି ସରବତ୍ ନୁହେଁ ।

ସାଧକ ମଧ ସ୍ତ୍ରୀ, ପଶୁ ବା ସପୁଂସକ (ଯେଉଁମାନେ ବହୁରୂପା ନାଁରେ ପରଚିତ) ଛୁଇଁଥିବା ବା ବ୍ୟବହାର କରିଥିବା ବିଛଣା ଇତ୍ୟାଦି ବ୍ୟବହାର କରିବ ନାହିଁ ।

ଏଇଠି ପ୍ରଶ୍ନ ଉଠେ ଯେ ଯେଉଁମାନେ ଛୋଟ ବଡ଼ ସହରରେ ଅତି ଅଳ୍ପ ସ୍ଥାନରେ ଅତ୍ୟନ୍ତ ଅଧିକ ଭାବରେ ଚଳୁଛନ୍ତି ସେପରି ଘରକୁ କ'ଣ ସାଧକ ଆସିବା ମନା ? ... ସାଧକ କ'ଣ ନିଜେ ବାରି ହୋଇ ପିଣ୍ଡାରେ ତଳେ ବସିବେ ?

ଅନୁଭବୀର ଅନୁଭବ କହେ ଯେ ବ୍ରହ୍ମଚର୍ଯ୍ୟକୁ ଚିତ୍ର ସଂଯମ ରୂପେ ନବୁଝି ଏହି ଓଲଟା ମୋଲଟା ବୁଝିଲେ ବ୍ରହ୍ମଚର୍ଯ୍ୟ ଗୋଟିଏ ଅଚଳ ମୁଦ୍ରାଦୋଷ ପରି ହୋଇଯିବ । ହୋଇଛି ମଧ ।

୫ମ ବ୍ରତ ହେଲା ଯେ କୌଣସି ବିଷୟ ପ୍ରତି ଅନୁରକ୍ତ ହେବ ନାହିଁ । ଗୁରୁଙ୍କର କଠଉ, କଉପୁନୀ, ଠାକୁରଙ୍କର ମୂର୍ତି ବା ଚିତ୍ର, ପ୍ରିୟଜନଙ୍କର ଲୁଗା, ପୋଷା, ଅଳଙ୍କାର ବା ଚିଠିପତ୍ର ଛୋଟ ବଡ଼, ସାମାନ୍ୟ ବା ଅଧିକ, ଜୀବନ୍ତ ବା ପାଷାଣ - କିଛି ପ୍ରତି ଆଟାଚମେ (ଅନୁରାଗ) ରଖିବ ନାହିଁ ।

ମଣିଷର ମନ ଥିବାଯାଏ ଅନୁରାଗ ରହିବାକୁ ବାଧ । ଧର୍ମ ମତ କହିପାରେ - ସୁନ୍ଦର ଫୁଲକୁ ଘୃଣା କର । ସୁଲଳିତ ସଙ୍ଗୀତକୁ ଶୁଣ ନାହିଁ । ସୁଖାଦ୍ୟକୁ ଦୂରରେ ରଖ । .... କିନ୍ତୁ ସୁନ୍ଦର ଅସୁନ୍ଦର ମଣିଷର ଇନ୍ଦ୍ରିୟ-ବୋଧର ପ୍ରଖରତା ଉପରେ ବସି ରହିଛି ।

ଏଇ ପ୍ରତିଜ୍ଞାର ଅର୍ଥ - ଭଲ ଓ ମନ୍ଦ ଉଭୟଙ୍କୁ ସମାନ ଭାବରେ ଦେଖ । ସୁନ୍ଦର ମୁହଁ ତଳେ କଙ୍କାଳ ଜାଣ ଓ ଭାବ । ନିଜର ପ୍ରିୟଜନମାନେ ଅନାତ୍ମୀୟ ବୋଲି ମନେ କର -

ଛୁଇଁବେ ନାହିଁ ତେତେ ବୋଲବେ ମଡ଼ା.... ଘର ଘରଣୀ ଦେହ କିଳାଉଥିବେ .... ଇତ୍ୟାଦି ।

ଯିଏ ଏଇ ୫ଟି ବ୍ରତକୁ ନିଷ୍ଠାର ସହିତ ପାଳିପାରେ ସେଇ ହେଉଛି ତ୍ୟାଗୀ - ଗୃହତ୍ୟାଗୀ । ଅର୍ଥାତ୍ ପଦ୍ମ ପତ୍ରରେ ଜଳପରି ହୋଇଥିବ । ଜଳ (ସଂସାରର ଦାଗ) ତୁମେ ଦେହରେ ଲାଗିବ ନାହିଁ ।

ଏଇ ଶିକ୍ଷା ହେଉଛି ହିନ୍ଦୁ ମତ ।

ମଣିେ ବଣରେ ଗଛ ମୂଳରେ ବସି ମଧ ଗୃହୀ ହୋଇପାରେ ଓ ଘର ଭିତରେ ସୁଖାଦ୍ୟ ସୁଶୋଭନ, ସୁପାତୀ .... ଇତ୍ୟାଦି ଭିତରେ ସନ୍ନ୍ୟାସୀ (ବିରାଗୀ) ହୋଇପାରେ ।

ଏହାର ଅର୍ଥ ନୁହେଁ ଯେ ସମସ୍ତେ ଗାଡ଼ିମଟର ହଂକେଇ ସାଧୁ ବୋଲେଇବେ । ବଣକୁ ଯିବା ଦରକାର । ବଣ-ପାହାଡ଼ରେ ରହିବା ଦରକାର । ଲୋକାଳୟକୁ ଆସି ନିଜର ଶିକ୍ଷା ଓ ଆଭିମୁଖ୍ୟକୁ ପରଖ କରାଇ ନେଉଥିବା ଦରକାର ।

ଜୈନମତର ଶିକ୍ଷା ସମାଜ-ଜୀବନରେ ଶିଷ୍ଟାଚାର ଓ ଚଳଣି ଭାବରେ ମିଶିଯାଇଛି ।

(୧) ଅନ୍ୟର ଦୁଃଖ ଦେଖି ହସ ନାହିଁ ।

(୨) ଆଗ ଆସି ଥାଇଥାର, ପଛେ ଆସିବା ଲୋକକୁ ନିଜର ସୁବିଧାରେ ଭାଗୀ କର ।

(୩) ଦୁଷ୍ଟଲୋକର ଦୁଷ୍ଟାମି ସହିବାକୁ ଶିଖ ।

(୪) ଘର ଓ ପରକୁ ସମାନ ଭାବ ।

(୫) ଶାଗ-ଭାତ ଓ ଘିଅ-ଭାତକୁ ସମାନ ଭାବ ।

(୬) ପିମ୍ପୁଡ଼ି ମାଛିଙ୍କୁ ବୃଥାରେ ମାର ନାହିଁ ।

(୭) ମଶା ବା ପିମ୍ପୁଡ଼ି କାମୁଡ଼ିଲେ ତାଙ୍କୁ ନେଇ ନିଆଁରେ ପକାଅ ନାହିଁ ।

(୮) ଷଣ୍ଢ ବା ମେଣ୍ଢା ବା କୁକୁଡ଼ା ଲଢ଼େଇ କରାଅ ନାହିଁ ।

(୯) ଅପ୍ରିୟ କଥା କହ ନାହିଁ ।

(୧୦) ଲୋକ ମେଳରେ ହାଇ ମାରନାହିଁ । ଛିଙ୍କ ନାହିଁ, ବା ପାଡ଼ିବ ନାହିଁ କିମ୍ବା ଆଙ୍ଗୁଠି ଫୁଟାଇବ ନାହିଁ କି ଭିଡ଼ିମୋଡ଼ି ହବ ନାହିଁ ।

(୧୧) ପାଣି ପିଇବ ଛାଣି ।

(୧୨) ଯେ ପାଦେ ପରର ମନ୍ଦ, ତାର ମନ୍ଦ ପାନ୍ତି ଗୋବିନ୍ଦ ।

(୧୩) ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେମନ୍ତ ମିଳଇ ।

(୧୪) ବଡ଼େଇ ଦେଖାଅ ନାହିଁ ଅର୍ଥାତ୍ ତୁମକୁ ଦେହ-ମନ-ବୁଦ୍ଧିର ଯେଉଁ ବିଶେଷ ଶକ୍ତି ମିଳିଛି, ତହାର ଅପବ୍ୟବହାର କରି ସମସ୍ତଙ୍କୁ ହଇରାଣ ବା ହନ୍ତସନ୍ତ କର ନାହିଁ ।

(୧୫) ଅତିରିକ୍ତ ସ୍ତ୍ରୀ-ସୋହ୍ରା, ପୁଅ-ସୋହାଗ, ଝିଅ-ସୋହାଗ, ପଶୁପକ୍ଷୀ-ସୋହାଗ ଅଭ୍ୟାସ କର ନାହିଁ ।

(୧୬) ନିଜର କାମନାର ଭାଗ-ମାପ ରଖ ।

(୧୭) ନିଜର ଜ୍ଞାନ ବଢ଼ାଅ । ଅଳ୍ପ ଜାଣି ନିଜକୁ ଜ୍ଞାନୀ ଭାବ ନାହିଁ ।

(୧୮) ସବୁବେଳେ ମନେରଖ ଯେ ତୁମ ଉପରେ ଗୁରୁଜନ, ଗୁରୁ, ଖାଉନ୍ଦ ବା ଭଗବାନ ଅଛନ୍ତି ।

(୧୯) ଶଣୀର ଆଗ, ଧର୍ମ୍ମ ପଛ । ନା, କାର୍ଯ୍ୟରେ ଓ କର୍ତ୍ତବ୍ୟ ପାଳନରେ ଶରୀର କିଛି ନୁହେଁ - ଏହାକୁ ଭଲ କରି ବୁଝ ।

(୨୦) କାହାରି ଜନିସକୁ ଲୋଭ କର ନାହିଁ ।

(୨୧) ପୁରୁଣା କଥାକୁ ଘୋଷି ହୁଅ ନାହିଁ ।

(୨୨) ଯେତିକ ଦରକାର ସେତିକି ନିଅ, ଖାଲି ବଡ଼ ଆଖିଆ, ପେଟ-କାବୁରା, ବା ଦୋଷଦିଆ ହୁଅ ନାହିଁ ।

(୨୩) ଛିଦ୍ର ଖୋଜି ବୁଲନାହିଁ ।

(୨୪) ପ୍ରତ୍ୟେକ ପଦାର୍ଥର ମରଣ ବା ବିଲୋପ ଅଛି । ସମସ୍ତେ ମୃତ୍ୟୁର ଅଧୀନ ।

ମନେ ରହିବା ଉଚିତ୍ ଯେ ହିନ୍ଦୁ ମତରେ ଅହିଂସାକୁ ଯେଉଁ ଶ୍ରେଷ୍ଠ ସ୍ଥାନ ଦିଆହୋଇଥିଲା ସେଇ ଅହିଂସାର ବ୍ୟତିକ୍ରମ ହେବାରୁ ଅବ୍ରାହ୍ମଣମାନେ ଦୁଇଟି ଅହିଂସା-ଭିତ୍ତିକ ଧର୍ମ ମତ ପ୍ରଚାର କରିଥିଲେ । ଗୋଟିଏ ହେଲା ବୌଧ, ଆରଟି ଜୈନ ।

ଉଭୟେ ଭାରତର ପୂର୍ବ ଭାଗରେ ପ୍ରଚାର ହୋଇଥିଲା । ବୌଧମତ ତାହାର ଜନ୍ମଭୂମିରେ ତିଷ୍ଠି ରହିଥିଲା । ଜୈନ ମତ ପଶ୍ଚିମ ଭାରତରେ ଆଦର ପାଇଥିଲା ।

ବୌଧ ଧର୍ମର ପ୍ରଚାର ଦକ୍ଷିଣ ଭାରତ ଉପରେ ଜୋର ଦେଇଥିଲା । ପଶ୍ଚିମ ଭାରତକୁ ଯଥେଷ୍ଟ ପ୍ରଚାରକ ଯାଇ ପାରି ନଥିଲେ ।

ତେଣୁ ଜୈନମତକୁ ବୁଝିବାକୁ ହୁଏ ଯେ ଭଲ ଲୋକଙ୍କର ଧର୍ମ । ଜ୍ଞାନୀର ଧର୍ମ ନୁହେଁ । ଅବ୍ରାହ୍ମଣ ସମାଜରେ ଜ୍ଞାନର ପରାକାଷ୍ଠା ନଥିଲା ।

ଜୈନ ସାଧକଙ୍କର ତିନୋଟି ଗୁପ୍ତି (୧) ମନୋଗୁପ୍ତି (୨) ବାକ୍‌ଗୁପ୍ତି (୩) କାୟାଗୁପ୍ତି ।

ମନୋଗୁପ୍ତି ହେଲା ମନକୁ ଚଗଲା ନକରି ଧାନ ଉପରେ ମନ ଦେବା । ବାକ୍‌ଗୁପ୍ତି ହେଲା ବକବକ ନହୋଇ ମୌନ ରହିବା । କାୟାଗୁପ୍ତି ହେଲା ଦେହକୁ ଏକ ଅବସ୍ଥାରେ ରଖିବାର ଅଭ୍ୟାସ ବା କାୟା ଉତ୍ସର୍ଗ । ସ୍ଥିର ଓ ଅଚଳ ।

ଜୈନମତ ଦେହରେ ଇନ୍ଦ୍ରିୟମାନଙ୍କ ଉପରେ ଜୋର ଦେଇଥାଏ । ହିନ୍ଦୁମତ ଜ୍ଞାନ ଉପରେ ପ୍ରତିଷ୍ଠିତ ହୋଇ ଥିବାରୁ ବୁଝାଏ ଯେ କର୍ମପ୍ରବଣତା ଓ କର୍ମପ୍ରଖରତା ହେଉଛି ତପସ୍ୟା । ଏହାର ଓଲଟା ହେଲା .... ନିଷ୍କ୍ରିୟତା ହେଉଛି ତପସ୍ୟା ।

ଜୈନ ସାଧକଶ୍ରେଣୀ ଏହା ସାଧନା କରିଥିଲେ । ସେହି ସାଧକ ଶ୍ରେଣୀରେ ପୁରୁଷ ଓ ସ୍ତ୍ରୀ ଉଭୟେ ସାମିଲ ହୋଇଥିଲେ । ବୌଧମାନେ ମଧ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ଭିକ୍ଷୁଶ୍ରେଣୀରେ ନେଇଥିଲେ । କିନ୍ତୁ ହିନ୍ଦୁ ମତରେ ସ୍ତ୍ରୀମାନଙ୍କ ପାଇଁ ଏସବୁ ରଖାଯାଏ ନାହିଁ ।

ଆମେ ଯେଉଁମାନଙ୍କୁ ଯୋଗି-ଯୋଗିଆଣୀ ବା ବାବାଜୀ-ମାତାଜୀ ଇତ୍ୟାଦି ଭେକରେ ଦେଖୁ ସେଥିରେ ବ୍ରାହ୍ମଣ ନଥାନ୍ତି । ଓଡ଼ିଶାରେ ଜୈନଧର୍ମର ପ୍ରଚାର ହୋଇଥିଲା । ସମ୍ରାଟ୍ ଖାରବେଳ ଜୈନ ଥିଲେ ବୋଲି ପ୍ରମାଣ । ଇଏ ଦ୍ୱିତୀୟ ଶତାବ୍ଦୀର କଥା । ଜୈନଧର୍ମ ପ୍ରଚାରର ସାତଶହ ବର୍ଷର କଥା । ସାତଶହ ବର୍ଷ ଅର୍ଥ ଅଠେଇଶି ପୀଢ଼ି ।

ଓଡ଼ିଶାର ଲୋକେ ଜୈନଧର୍ମକୁ ଆଦର କରିପାରିଲେ ନାହିଁ । ନୈତିକମାନ ଓ ନିଷ୍ଠାର ଅଭାବରୁ ସମାଜ ମଧ ଜୈନ ସାଧକଙ୍କର ଗ୍ରାହକତା କରିପାରିଲି ନାହିଁ ।

ଓଡ଼ିଶାରେ ହେଲା ଯୋଗୀ ସଂପ୍ରଦାୟ । ଏଇମାନେ ହିନ୍ଦୁ ସମାଜର ଅଙ୍ଗ ହୋଇ ରହିଲେ ।

ପୁରୀ ଦେଉଳର ଧର୍ମ ସଭା ଏଇ ଜୈନ ସଂପ୍ରଦାୟକୁ (ଯୋଗୀ ସଂପ୍ରଦାୟ) ଆନୁଷ୍ଠାନିକ ସ୍ୱୀକୃତି ଦେଲା । ସେମାନେ ତାଙ୍କର ଧର୍ମ ପାଳନ କରି ନିଜର ସମାଜରେ ହିନ୍ଦୁ ଲୋକାଳୟ ପାଖରେ ରହିଲେ ।

କାର୍ତ୍ତିକ ମାସ, ମାଘ ମାସ ଓ ସ୍ଥଳ ବିଶେଷରେ ଚୈତ୍ର ମାସରେ ସେମାନେ ଭିକ୍ଷା କରି

ଚଳିବାର ବ୍ୟବସ୍ଥା ହେଲା । ସେମାନଙ୍କୁ ଘରେ ଡ଼ାକି ବସାଇ ଭୋଜନ ପରଶିବା ଇତ୍ୟାଦି ବିବଦମାନ ହେଉଥିବାରୁ ସେମାନଙ୍କୁ ଦିଆହେଉଥିବା ଦାନ- ଶୁଖିଲା, ଚାଉଳ, ଡ଼ାଲି ଓ ପରିବା ଦାନରେ - ସୀମିତ ରହିଲା ଉତ୍ସାହ ଅଧିକ ହେଲେ କେହି ବସ୍ତ୍ରଦାନ ଓ ଲାଉତୁମ୍ବା ଦାନ ଦେଲେ ।

କିନ୍ତୁ ନୈଷ୍ଠିକ ଜୈନ ମତର ମୁଖବସ୍ତ୍ରକ (ନାକରେ କନା ବାଂଧିବା) ଉଠିଗଲା । ସେମାନଙ୍କୁ ଗୃହୀ ହେବାର ଅନୁମତି ଦିଆଗଲା । ସେହିମାନେ ହେଲେ ପରଂପରା-ମାର୍ଜିତ ଭିକ୍ଷୁଶ୍ରେଣୀ । ଏମାନେ ବାହା, ଶ୍ରାଧ ଆଦି ବିଭିନ୍ନ ଭୋଜୀ ଓ ପଙ୍ଗତରେ ଯୋଗ ଦିଅନ୍ତି ନାହିଁ । ଚତୁର୍ମାସ୍ୟା ମୋଟାମୋଟି ରଜଠାରୁ ପୂଜାଯାଏ ସେମାନେ ତାଙ୍କର ଚୁପ୍ ରହନ୍ତି କିମ୍ବା ବିଲବାଡ଼ି କରି ଚଳନ୍ତି । ଏଇ ବିଲବାଡ଼ି କରିବା ସମ୍ବାଦ ନିର୍ଭୁଲ ନୁହେଁ ।

ଜୈନ ଭିକ୍ଷାପାତ୍ର ତିନି ପ୍ରକାରଣ (୧) ଲାଉତୁମ୍ବା (୨) କାଠ (୩) ପୋଡ଼ା ମାଟିର ହାଣ୍ଡି ।

ଧର୍ମ୍ମ ଚଳିଲାବେଳେ ଏହି ନିଃସ୍ୱ, ଦାରିଦ୍ର୍ୟ ଓ ସୟ ହୀନତାକୁ ଆଦର୍ଶ କରାଯାଇଥିଲା ।

ଜୈନମାନଙ୍କର ଚବିଶ ତୀର୍ଥକର ବା ତୀର୍ଥଙ୍କର । ଏହାର ଅର୍ଥ ଜୈନଧର୍ମ୍ମର ଶାସ୍ତ୍ରକାର ଓ ମୁନି । ଏମାନେ ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଭାଷାରେ (ପ୍ରାକୃତ ଭାଷା) ଶିକ୍ଷିତ ଓ ସମକାଳୀନ ଧର୍ମ୍ମମତ (ହିନ୍ଦୁ ଶାସ୍ତ୍ର, ପୁରାଣ ଓ ଆଖ୍ୟାୟିକା) ସହିତ ପରିଚିତ ।

ଚବିଶ ତୀର୍ଥଙ୍କର ମଧରୁ ସାତଜଣଙ୍କର ନାମ ଜଣାନାହିଁ ।

ଏଥବରେ ପୁରୁଷ ଓ ସ୍ତ୍ରୀ ଉଭୟେ ରହିଛନ୍ତି (୧) X (୨) ଅଜିତ (୩) ସମ୍ଭାବ (୪) ଅଭିନନ୍ଦନ (୫) ସୁମତି (ସ୍ତ୍ରୀ) (୬) ପଦ୍ମପ୍ରଭା (ସ୍ତ୍ରୀ) (୭) ସୁପ୍ରଭା (ସ୍ତ୍ରୀ (୮) ଚନ୍ଦ୍ରପ୍ରଭା (ସ୍ତ୍ରୀ) (୯) ପୁଷ୍ପଦନ୍ତ (୧୦) ଶୀତଳ (୧୧) ଶ୍ରେୟାଂଶ (୧୨) X (୧୩) X (୧୪) ଅନନ୍ତ (୧୫) X (୧୬) ଶାନ୍ତି (ସ୍ତ୍ରୀ) (୧୭) X (୧୮) ଅର (୧୯) X (୨୦) ମୁନି ସୁବ୍ରତ (୨୧) ନାମି (ଇଏ ଜଣେ ରାଜା) (୨୨) ଅରିଷ୍ଟନେମି (୨୩) X (୨୪) ମହାବୀର

ଏଇ ଶେଷ ତୀର୍ଥଙ୍କର ମହାବୀରଙ୍କର ନାମ ଜୈନ ଧର୍ମ୍ମ ସହିତ ଯୋଡ଼ା ହୋଇଛି ।

ମହାବୀର ଜଣେ କ୍ଷତ୍ରୀୟ । ଜନଶୃତି ଅଛି ଯେ ମହାପୁରୁଷ ଓ ଧର୍ମ୍ମ ପ୍ରବର୍ତ୍ତକ ବ୍ରାହ୍ମଣୀ, ଗରିବ, ତଳୁଆ ଜାତି ଘରେ ଉଦଭବ ହେବେ ନାହିଁ । ପ୍ରଥମେ ମହାବୀର ବ୍ରାହ୍ମଣୀ ଜଠରରେ ଥିଲା । ସେଇଠୁ ତାଙ୍କୁ ଦେବତାମାନେ ତ୍ରିଶଳା କ୍ଷତ୍ରୀୟାଣୀ ଜଠରକୁ ସ୍ଥାନାନ୍ତରିତ କରିଥିଲେ ।

ମହାବୀରଙ୍କର ବଡ଼ଭାଇ ନନ୍ଦବର୍ଧନ । ଝିଅ ପ୍ରିୟଦର୍ଶିନୀ । ବଡ଼ ଭଉଣୀ ସୁଦର୍ଶନା ।

ବୁଧଦେବ ପରିବାର ଛାଡ଼ି ସନ୍ୟାସୀ ହୋଇଥିଲେ । ମହାବୀର ମଧ ପରିବାର ଛାଡ଼ି ସନ୍ନ୍ୟାସୀ ହେଲେ । ଅନ୍ୟାନ୍ୟ ସାଧକମାନେ ସେହିପରି ପରିବାର ମୋହ ତୁଟାଇ ସନ୍ନ୍ୟାସୀ ହୋଇଥିଲେ । ତେଣୁ ବାଳ-ବ୍ରହ୍ମଚାରୀ ନାହାନ୍ତି । ଅତୁଟ ବ୍ରହ୍ମଚାରୀ ହେବା ସମ୍ଭବ ହେଉ ନଥିଲା ।

କିନ୍ତୁ ବ୍ରହ୍ମଚର୍ଯ୍ୟ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା ।

ବାବାଜୀ ବ୍ରହ୍ମଚର୍ଯ୍ୟ ରଖିବ । ..... ଏଁ ଏମିତି ରଖିଲା ବାଲା ? ମହିଳାମାନେ ବାବାଜୀର ବ୍ରହ୍ମଚର୍ଯ୍ୟ ମାର୍ଗରେ ପ୍ରତିବନ୍ଧକ ହେଲେ ।

ସେମାନେ ଆସି ରାଜଘସ ହେଲେ । ମିଠା କଥା କହିଲେ । ସୁଆଦିଆ ମସଲାଦିଆ କାମ-ଉତେଜକ ଖାଦ୍ୟ ଖୁଆଇଲେ । ପାନୀୟ ବି ଦେଲେ । ନରମ ବିଛଣା ପାରି ଶୁଆଇଲେ । ବାବାଜୀର ପଣ ଭାଙ୍ଗିବା ହେଲା ଗୋଟାଏ ଖେଳ ।

ଏଣେ ଶାସ୍ତ୍ରକାରମାନେ ନାରୀ ନରକାର ଦ୍ୱାରା ବୋଲି ପ୍ରଚାର କରୁଥାନ୍ତି । (ତମାଖୁ ଖାଇଲେ କାନସର ହେବା ବୋଲି ପ୍ରଚାର) ଛୋଟ ପିଲାଙ୍କୁ ମାଆ କ୍ଷୀର ଖୁଆଇବା ପରି ପ୍ରଚାର ।

ଦତ୍‌କ (କିଏ ଜଣା ନାହିଁ) ସ୍ତ୍ରୀ ବେଦ କରିଥିଲେ । ଏଇ ଦରବୁଢ଼ା ବାବାଜୀ ଓ ବାତ୍ସାୟନ ସମାନ ନୁହନ୍ତି ।

ମହାବୀରଙ୍କ ବିଷୟରେ ବିଶିଷ୍ଟ ଜର୍ମାନ ବିଶେଷଜ୍ଞ (ସେ ଜୈନ ସୂତ୍ରକୁ ଦୁଇଟି ବଡ଼ ବହିରେ ଅନୁବାଦ କରିଛନ୍ତି) HERMAN JACOBI କହିଛନ୍ତି ... ।

Mahabira owed his position not by the sanctity of his life but due to sucess in propagating the creed.

ଧର୍ମ ପ୍ରବର୍ତ୍ତନ ଓ ଧର୍ମ ପ୍ରଚାର ଏକା କଥା ନୁହେଁ । କିନ୍ତୁ ସମକାଳୀନ ସମାଜରେ (ଅଢ଼େଇ ହଜାର ବର୍ଷ ତଳେ) ଜୈନମତ ଗ୍ରହଣୀୟ ହୋଇଥିଲା ।

ବାବାଜୀମାନଙ୍କର (ଶ୍ରମଣ ଚଳନୀ ପାଇଁ ପକ୍‌କା ନିୟମ କରା ହୋଇଥିଲା । ବାବାଜୀଙ୍କର ବାଇଶିଟି ଅସୁବିଦା (୧-୨) ଭୋକଶୋଷ (୩-୪) ଥଣ୍ଡା-ଗରମ (୪) ମାଛି ଡ଼ାଆଁସ ଉତ୍ପାତକୁ ସହିବା (୬) ଲଙ୍ଗଳା ରହିବା - ଜିନକଳ୍ପିକା । ସାଧୁର ସଂଯମର ଇଏ ହେଉଛି ସର୍ବସାଧାରଣ ପରୀକ୍ଷା (୭) ନିଜର ସଂଯମରେ ଅସନ୍ତୋଷ (୮) ନାରୀଙ୍କର ଉତ୍ପାତ (୯) ବିଶୃଙ୍ଖଳା ବା ଖାମଖିଆଲି ଜୀବନ (୧୦) ପଢ଼ିବା ଜାଗାର ଅଭାବ (୧୧) ରହିବା ଥାନ (୧୨) ସାଧାରଣରୁ ଗାଳି ଧିକ୍‌କାର ପାଇ ସମ୍ଭାଳିବା (୧୩) ପିଲାଙ୍କର ଓ ବଡ଼ଙ୍କର ମାଡ଼ (୧୪) ମାଗିବା (୧୫) ମାଗିଲେ ମଧ ନ ପାଇବା (୧୬) ବେମାରି ପଡ଼ିବା (୧୭) ଅରମାକା ଇତ୍ୟାଦି ଜୈନ ସାଧକ ଏମାନଙ୍କୁ ବରଦାସ୍ତ କରିବା (୧୮) ମଇଳା (୧୯) ଆଦର ପାଇବା ଓ ସମ୍ମାନ ପାଇବା (୨୦) ନିଜର ଅନୁଭବ ନେଇ ପ୍ରତ୍ୟେକ ଘଟଣା ବୁଝିବାର ଅସୁବିଧା (୨୧) ଅଜ୍ଞାନ ବା ସ୍ଥାନକାଳ ପାତ୍ରର ଜ୍ଞାନର ଅଭାବ (୨୨) ପବିତ୍ରତା ।

ଏଇ ଅସୁବିଧାମାନ ସମ୍ଭାଳି ଜୈନ ଶ୍ରମଣ ଆଗେଇଯାଏ । ତାଙ୍କର ବି ବହୁତ ଅସୁବିଧା ।

(୧) ଦାନ୍ତକାଠିରେ ଦାନ୍ତ ଘଷିବ ନାହିଁ । (୨) ଥଣ୍ଡା ପାଣି ପିଇବ ନାହିଁ କିମ୍ବା ମୁହଁ ଧୋଇବ ନାହିଁ । (୩) ଥଣ୍ଡା ହେଲେ ନିଆଁ ଜାଳିବ ନାହିଁ । (୪) ଖରାରେ ମୁହଁ ହାତ ପୋଡ଼ିଗଲେ ବି ଓହୋ ଓହୋ ହବ ନାହିଁ । (୫) ଏକା ଠିକଣାରେ ରହିବ ନାହିଁ । ଶ୍ମଶାନ, ଖାଲି ଘର ଓ ଗଛତଳେ ରହିବ । ନିଜର କିଛି ସମ୍ପଦ ରହିବ ନାହିଁ ।

ହୃଦୟର ପବିତ୍ରତା ଓ ପାପର ପ୍ରତିକାର - ଓଡ଼ିଆରେ ଇଏ ହେଲା ମନ ପୂତ ଥିଲେ

ଗଡ଼ିଆ ଗଙ୍ଗା ।

ପାପର ସଂଜ୍ଞା ହେଲା (୧) ନିଜେ କରିବା (୨) ନିଜେ ମତ ଦେଇ କରାଇବା (୩) ପାପ କାର୍ଯ୍ୟକୁ ସମର୍ଥନ ଦେବା ।

ଜଣେ ଚୋରି କରି କିଛି ଆଣିଛି ତାକୁ ଗ୍ରହଣ କରିବା ମଧ ପାପ (ସତ୍ରତି ଟାଙ୍ଗ) ।

ଦୁଃଖର କାରଣ ବୁଝିବା ଦରକାର ମନ୍ଦ କାମରୁ ଦୁଃଖ ହୁଏ । ଦୁଃଖର ଉତ୍ପତି କଥା ନଜାଣିଲେ ପ୍ରତିକାର କରାହୋଇପାରିବ ନାହିଁ ।

ହତ୍ୟା କରନାହିଁ - ବଡ଼ ମଣିଷଙ୍କୁ ହତ୍ୟା, ଭ୍ରୁ ଣ ହତ୍ୟା, ବିଭିନ୍ନ ବୟସରେ ପ୍ରାଣୀଙ୍କର ହତ୍ୟା ।

ଜୈନ ଶମର ମନେ ରଖିବ ଯେ ଲୋକେ କେତେକ କାର୍ଯ୍ୟାନୁଷ୍ଠାନ କରି ନିଜକୁ ସାଧୁ ବୋଲି ବୁଝନ୍ତି । କିନ୍ତୁ ନିଷ୍ପାପ୍ୟ ହୃଦୟ ହେଉଛି ସାଧୁର ଲକ୍ଷଣ ।

ଜୈନ ଶ୍ରମଣ ଏଣୁ ତେଣୁ କଥା, କଥନିକା, ଗପ କରିବ ନାହିଁ । ଅବାନ୍ତର ବିଷୟ ନେଇ ମୁଣ୍ଡ ଖେଳେଇବ ନାହିଁ । ନିନ୍ଦା ଚୁଗୁଲି ଛାଡ଼ି ନିଜୁ ଲୋଭ, ଠକେ, ଗର୍ବ ଓ ଚପା ରାଗଠାରୁ ଦୂରରେ ରଖିବ । ସେ ଭଲ କରି ବୁଝିବ ଯେ ଆନନ୍ଦ ହେଉଛି ଗୋଟିଏ ରକମର ରୋଗ ।

ସେ ଭଲ କରି ବୁଝିବ ଯେ ଆନନ୍ଦ ହେଉଛି ଗୋଯିଏ ରକମର ରୋଗ ।

ବାବାଜୀକୁ ଲୋକ କୁକୁର ଦେଇ କାମୁଡ଼ାନ୍ତି । ବାବାଜୀକୁ ନଣ୍ଡା, ଅସନା, ଯାଦୁଆ, ନଙ୍ଗଳା ଆଦି ବିଭିନ୍ନ ପ୍ରକାରର ବିଶେଷଣରେ ଆଘାତ କରନ୍ତି ।

କିନ୍ତୁ ବାବାଜୀକୁ ଅଧିକ ସାବଧାନ ରହିବାକୁ ପଡ଼େ ନାରୀମାନଙ୍କଠାରୁ ।

ନାରୀମାନେ ଭାବୁଥିଲେ ବ୍ରହ୍ମଚାରୀ ଓ ସତ୍‌ମାର୍ଗର ପଥିକ ଶ୍ରମଣମାନଙ୍କର ସନ୍ତାନ ଉଚ୍ଚ ଶ୍ରେଣୀର ହବି । ଏହି ବିଶ୍ୱାସ ମଠ ମନ୍ଦିରରେ ଆଜି ପର୍ଯ୍ୟନ୍ତ (୧୯୮୮) ପର୍ଯ୍ୟନ୍ତ ରହିଛି । ସମ୍ଭ୍ରାନ୍ତ ବଂଶର ନିୟୋଗ ସନ୍ତାନପରି ଅଘୋରଦୁଆରି ସମାଜ ଉଚ୍ଚ ଶ୍ରେଣୀର ସନ୍ତାନ ପାଇଁ ମଠଧୀଶ ଦେବ-କୂଜକ ଓ ବ୍ରହ୍ମଚାରୀଙ୍କୁ ଧରିବାକୁ ଚେଷ୍ଟା କରୁଥାନ୍ତି ।

ମାଂସ ପକାଇଲେ ସିଂହ ଯନ୍ତାରେ ପଡ଼େ । ଜାତିଆ ହରିଣ ବି ଫାଶରେ ପଡ଼େ । ଯେଉଁମାନେ ସଂଯମ ପୂରା ପାଳି ନପାରନ୍ତି - ନାଁ ବାବାଜୀ ନାଁ ଗୃହୀର ମଝିଆ ମଝି ଅବସ୍ଥାରେ ରହନ୍ତି ।

ଗୁରୁଦେବ ଶିଷ୍ୟଙ୍କୁ ଦତ୍‌କଙ୍କର ଲେଖା ସ୍ତ୍ରୀ - ବେଦକୁ ପଢ଼ାନ୍ତି । ସ୍ତ୍ରୀ ପାଖରେ ତୁମେ ରହିଲେ ନିଆଁରେ ଜଉ ପରି ତରଳିଯିବ । ନାରୀ ତାହାର କଅଁଳ କଥା, ପୋଷାକୀ ଆଚରଣ ଦେଖାଇ ସାଧୁକୁ ଏକାବେଳକେ କଥାରେ, କାମରେ ଓ ବ୍ୟବହାରରେ ନିଜର କରିନବ ।

ଏହାକୁ ଜଗିବ । କିନ୍ତୁ ସମ-ଲିଙ୍ଗୀ ମୈଥୁନ ଓ ପଶୁ-ମୈଥୁ ପରି ପାପ କରିବନାହିଁ । ମାଇଚଆମାନଙ୍କଠାରୁ ଦୂରରେ ରହ । ଏଥିରେ ବ୍ରହ୍ମଚର୍ଯ୍ୟ ନଷ୍ଟ ହୁଏ ତେବେ ନିଜର ସ୍ଥାନୀୟ ଆଚାର୍ଯ୍ୟଙ୍କୁ କହିଦେଇ ଅନୁତାପ କର । ବ୍ରହ୍ମଚର୍ଯ୍ୟ ଅଭ୍ୟାସ ହେବ ।

ପୃଥିବୀର ସମସ୍ତ ଧର୍ମରେ ଶାରୀରିକ ଓ ମାନସିକ ବ୍ରହ୍ମଚର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି ।

କିନ୍ତୁ ବ୍ରହ୍ମଚର୍ଯ୍ୟ ଯେଅବଶ୍ୟ ଅତୁଟ ହୋଇ ରହିବ ଏହାର ବିଧିବ୍ୟବସ୍ଥା ହୋଇନାହିଁ ।

ଧର୍ମ ମତର ଭିତ୍‌ଭୂମି ହେଉଛି ନୈଷ୍ଠିକତା-ନିଷ୍ଠା । କିନ୍ତୁ ଯେଉଁଠି ଏହାର ବିଚ୍ୟୁତି ହୋଇଛି ଧର୍ମମତର ଆଚାର୍ଯ୍ୟମାନେ ସହାଶୀଳତା ଦେଖାଇଛନ୍ତି । ... ଓଡ଼ିଆରେ କଥା ଅଛି ....

ଯୋଗୀପାଇଁ ସିନା ଯୋଗୀଆଣୀ ମଲା

ରାଜା ମଲେ କାହା ପାଇଁ ?

X X X

.... ମାଟି...... ମାଟି ...... ମାତାଜୀ ।

X X X

... ଏଇ ହାତୀ ଘୋଡ଼, ଏଇ ପାଟ -ଛତା

ତୋହରି ବାପର ଥିଲା,

ମଲାବେଳେ ସେହି ଗୋବିନ୍ଦ - ଚନ୍ଦ୍ରରେ

ଛିଣ୍ଡା ପଲଙ୍କରେ ଗଲା ।

X X X

ଛୁଇଁବେ ନାହିଁ ତତେ ବୋଲବେ ମଡ଼ା

X X X

ଜୈନ ମତରେ ଚାରିଜଣ ମଢ଼ ବୋହିବେ - କ୍ଷତ (ମାଟି) ଅପ (ପାଣି) ତେଜ (ଅଗ୍ନି) ମରୁତ୍ (ବାୟୁ) ....

ହିନ୍ଦୁମତ ବାୟୁ ଓ ବ୍ୟୋମର ପ୍ରଭେଦ ବୁଝୁଥିଲା । ସେମାନେ ୫ମ ଲୋକକୁ ମଢ଼ ବୋହିବାକୁ ଦେଇଥିଲେ ।

ଜୈନମାନେ ହିନ୍ଦୁ ଥିଲେ । ସେହି ହିନ୍ଦୁମାନେ ପଚାରିଲେ ପାଣିପୁଣ୍ୟକୁ ଧୋଇବେ ନାହିଁ । ଖାଲି ପାପାକୁ ଧୋଇବ ? ଜୈନମାନେ ମୋଟେ ପାଣି ବ୍ୟବହାର କରୁ ନଥିବାରୁ ପାଣିର କେଉଟ, ଭାଟି କରି ନିଆଁ କାମ କରୁଥା କହମାର କ'ଣ ଈଶ୍ୱରଙ୍କର ନିକଟ ହୋଇଗଲେ ବୋଲି ପ୍ରଶ୍ନ ପାଉଥିଲେ ।

ତେଣୁ ସ୍ଥିର ହେଲା - ସତ୍ ହେଉଛି ସିଧିର ମାର୍ଗ । ତୁଣ୍ଡ କଥାରେ ସିଧି ଆସେ ନାହିଁ ।

ଜୈନ ଶାସ୍ତ୍ରର ପ୍ରଣୟନ ପାଇଁ ବିଭିନ୍ନ ଶ୍ରେଣୀର ଓ ମାନର ସାଧକ ବାହାରିଲେ ନାହିଁ । ତେଣେ ବୌଧ ଧର୍ମ ପ୍ରାଧାନ୍ୟ ନେଉଛି, ତେଣୁ ନେଜୈନ ସାଧକମାନେ ଲୋକସମାଜକୁ ଦେଖି ଦେଶ-କାଳ-ପାତ୍ର ପାଇଁ ଅନେକ ଛୋଟବଡ଼ ନିୟମ କଲେ ।

ପ୍ରଧାନ ପୁତ୍ର ହେଲା - ଅହିଂସା ଓ ନିଜର ମୃତ୍ୟୁ । ... ଆମେ କିବା ମଣିଷ, ମରିଗଲେ କ'ଣ ବା କ୍ଷତି ?

ମୋର ଦେହ ମୋର ମିଶୁ ଏ ମାଟିରେ

ଦେଶବାସୀ ଚାଲି ଯାଆନ୍ତୁ ପିଠରେ ।

ସମସ୍ତେ ମୌନ ରହ ।

କାରଣ କଥା କହିଲେ ସତ କଥା-ମିଛ କଥା-ସତ ଭଳିଆ ମିଛତ ଭେଳିକି କଥା ଲୋକଙ୍କୁ ବିବ୍ରତ କରିବ । ଯେ ଯେପରି ଚାହିଁଲେ ସେହିପରି ଧର୍ମକୁ ପ୍ରଚାର କଲେ -

କିଏ ନିଜ ଘରକୁ ମୋଟେ ଗଲାନାହିଁ । କିଏ ଯଦି ଗଲା ସେଠି ଝିଅ ବୋହୂ ଦାସୀ ମାଇଚିଆ ଓ ପଶୁପକ୍ଷୀଙ୍କାରୁ ଦୂରରେ ରହିଲା । ଏଣେ ଘରୁ ଦଳ ଦଳ ହୋଇ ଲୋକ ଏଇ ବଇଷିମ ମାର୍ଗ ଛାଡ଼ି ପୁଣି ଘରକୁ ଫେରିବାକୁ ଡ଼ାକ୍ତି ।

ଗୋଟିଏ ଆଡ଼େ ମମତା ଓ ଆରପାଖରେ ବୈରାଗ୍ୟ । କେତେ ମଧ ଭଲ ସଦାଚାରୀ ଗୃହସ୍ଥ ହୋଇ ଅହିଂସା ବିରୁଧେ କାର୍ଯ୍ୟାନୁଷ୍ଠାନ କରୁଥାନ୍ତି ।

ଭଗ୍ନା କୃଷି ଭାଗବତା ଭବନ୍ତି ....

ମାଆକୁ କହିବୁ ବଳଦ ନ ବିକୁ

ବଇଷିମମ ହେବା ନୋହିଲା ....

ଏହିପରି ଭାବରେ ଆସିବା ଯିବା ଲାଗି ରହୁଛି ବୋଲି ଧର୍ମର ଖାତିର ରହିଛି । ଏକଦମ ବାନପ୍ରସ୍ଥ ଓ ପରେ ଯଦିବ୍ରତ ବା ଅପନ୍ତରାର ମରଣ ତାହାର ପ୍ରାସଙ୍ଗିକତା ହରାଇଲା । ହିନ୍ଦୁମତ ଦୁର୍ବଳ ହୋଇଗଲା ।

ଏଇ ଅହିଂସା ଓ ବ୍ରହ୍ମଚର୍ଯ୍ୟର ଅର୍ଥ ଓ ଅର୍ଥାନ୍ତର ଆଜି ପର୍ଯ୍ୟନ୍ତ ଚାଲିଛି । ଲୋକ ସତ୍, ସୁଶୀଳ, ସଦାଚାରୀ ଓ ଧର୍ମପ୍ରାଣ ହେବାକୁ ଏବେ ଯାଏ ଚେଷ୍ଟା ଚଳାଉଛନ୍ତି ।

ଏବେ ନୈଷ୍ଠିକ ଜୈନ ସାଧକ ଅଛନ୍ତି । ତାଙ୍କୁ ଚଳେଇ ରଖିଛି ସ୍ଥାନୀୟ ମତ । ଜୈନ ପରିବାର ଧର୍ମ ବିଶ୍ୱାସ ଛାଡ଼ି ନାହାନ୍ତି । ଜୈନ ତୀର୍ଥଙ୍କର ଓ ସାଧକଙ୍କର ପୂଜା କରୁଛନ୍ତି ।

ଜୈନ ସାଧୁ ମଧ ଅତ୍ୟନ୍ତ ଉଚ୍ଚ କୋଟିର ହୋଇ ରହିଛନ୍ତି । ତାଙ୍କର ସାଧକ ସମାଜ ଓ ଗୃହୀ ସମାଜ - ଏହିପରି ଦୁଇଟି ସ୍ତର ରହିଛି ।

ଜୈନ ମତରେ ଜ୍ଞାନ ଠାରୁ ବିଶ୍ୱାସ ବଡ଼ ସ୍ଥାନ ଦିଆହୋଇଛି । ଜ୍ଞାନର ପରିମାଣ ଅଧିକ ହେଲେ ଗର୍ବ ଆସିବ । କିନ୍ତୁ ଧନ ଓ କ୍ଷମତାରେ ଉଚ୍ଚ ମଣିଷ ରହିବାକୁ ବାଧ - କିନ୍ତୁ ଲଗାମଛଡ଼ା ହେବେ ନାହିଁ ।

ପାପ ହେଉଛି ଜୈନ ମତର ପ୍ରଧାନ କଥା । ପାପ ଅନେକ ପ୍ରକାରର (୧) ନିଜ ପାଇଁ ବା ନିଜର ସାଙ୍ଗସାଥୀଙ୍କ ପାଇଁ ବା ନିର୍ଭର କରୁଥିବା ଲୋକଙ୍କ ପାଇଁ ବା ଠାକୁରଙ୍କ ପାଇଁ ବା ନିଜର କୋଠାବାଡ଼ି ପାଇଁ ।

ଦ୍ୱିତୀୟ ପାଦ - (୨) ବୃଥା ପାପ । ଚମଡ଼ା ଆଦି ବେପାର ବା ଘାସରେ ନିଆଁ ଗୁଞ୍ଜି ସଫାସୁତରା କରିବା । ତୃତୀୟ ପାପ (୩) ଭୁଲ ଭଟକା (୪) ମିଛ କହି ପାପ କରାଇବା (୫) ନିଜର ଜାତି ବଂଶ, ପଦମର୍ଯ୍ୟଦା ଆଦି ପାଇଁ । (୬) ଲୋଭ (୭) ଗୁଣୀ ଗାରିଡ଼ି

କରିବା ।

ଦ୍ରାବିଡ଼, କଳିଙ୍ଗ ଗୌଡ଼, ଗାନ୍ଧାର ବା ଚଣ୍ଡାଳ ବା ଶବରଙ୍କ ଦ୍ୱାରା ଗୁଣୀଗାରିଡ଼ି କରାଇବା । ଏଇ ଗୁଣୀଗାରିଡ଼ି ଅଢ଼େଇ ହଜାର ବର୍ଷ ହେଲା ଚାଲିଛି ।

ଅଢ଼େଇ ହଜାର ବର୍ଷ ତଳେ ସାଧକମାନେ କିମିଆଁ କରି ସ୍ତ୍ରୀ ଲୋକ ନେଇ ଯାଉଥିଲେ ।

ଜୈନମାନେ ଚାରିପ୍ରକାରର ତତ୍ୱ ପ୍ରଚାର କରିଥିଲେ । (୧) କ୍ରିୟାବାଦୀ - ଏହାର ଶହେ ଅଶି ଶାଖା (୨) ଅକ୍ରିୟାବାଦୀ - ଏହାର ଚଉରାଅଶି ଶାଖା (୩୪) ଅଜ୍ଞେନିକବାଦୀ - ଏହାର ଶତଷଠି ଶାଖା (୪) ବୈନାୟିକବାଦୀ - ବତିଶି ଶାଖା । ମୋଟ ତିନିଶହ ତେଷଠି ଶାଖା ।

କିନ୍ତୁ ପ୍ରାମାଣିକ ଗ୍ରନ୍ଥ ନାହିଁ ।

ଖାଲି ରହିଛି ଯେ ବାବାଜୀ ଦାନ୍ତକାଠିରେ ଦାନ୍ତ ଘଷିବ ନାହିଁ । କଜଳ ଘେନିବ ନାହିଁ । ବାନ୍ତି ଔଷଧ ଖାଇବ ନାହିଁ । ସୁଗନ୍ଧ ଦ୍ରବ୍ୟ ବା ଫୁଲ ବା ଅଳଙ୍କାର ପିନ୍ଧିବ ନାହିଁ ।

ବାବାଜୀଙ୍କର ପ୍ରଧାନ ପାପ ହେଉଛି - ଭୁଲ କଥା ବା ମତକୁ ବିଶ୍ୱାସ କରିବା ।

ତେଣୁ ସାଧକ ସବୁବେଳେ ମନରେ ସବୁ କଥା ଭାବୁଥିବ । ସେ ଦେଖୁଥିବ ଯେ ତାହାର ଦୃଶ୍ୟମାନ ଶରୀର ଅଛି । କର୍ମ ଶରୀର ଅଛି । ତୈଜସ ଶରୀର ଥିବାରୁ କ୍ଷୁଧା-ଅଗ୍ନି ଅଛି । ବୈଳୟ ଶରୀର ଅଛି । ସେ ନିଦରେ ବା ଚେଇଁ ଥିଲାବେଳେ ନିଜେ ଦେହରୁ ବାହାରି ଏଣେ ତେଣେ ଯାଇପାରନ୍ତି । (ପ୍ରତ୍ୟେକ ସାଧକ ଏହି ଶକ୍ତିର ଅଧିକାରୀ) ।

କିନ୍ତୁ ଲୋକମତକୁ ବିଚାରକୁ ନେଇ ନିୟମ ଦିଆଗଲା - ସମସ୍ତେ ଭେକ ରଖିବେ । ତାହାହେଲେ ସାଧକ ଚିହ୍ନା ପଡ଼ିବ ।

ହିନ୍ଦୁ ଶାସ୍ତ୍ରର ଅନେକ ବିଷୟ ଜୈନମତ ନିଜର କରିଛି । ହିନ୍ଦୁ ମତରେ ମଣିଷର ଜୀବନ ଓ ସମସ୍ତ ପ୍ରାଣୀଙ୍କର ଜୀବନକୁ ପାଣି ଫୋଟକା ପରି ଦେଖାଯାଏ । ଜୈନ ମତ କହେ ଯେ ମଣିଷ ହେଉଛି କୁଶ ଆଗରେ ଝୁଲୁଥିବା ଶିଶିର ବିନ୍ଦୁ । ପବନ ହେଲେ ଝଡ଼ିଯିବ ।

ଜନ୍ମ-ଚକ୍ରକୁ ଜୈନ ମତ ଗ୍ରହଣ କରେ ....

ଜାବିତ୍ ଜନମଂ ତାବତ ମରଣଂ

ତାବତ ଜନନୀ କଠରେ ଶୟନଂ ।

ସତ୍‌କର୍ମ ନଥିଲେ ମଣିଷ ପାପୀ ପରିବାରରେ ଜନ୍ମ ନିଏ । ତାହାର ଷୋହଳ ପ୍ରକାରର ରୋଗ ହୁଏ । (୧) ବଥ (୨) କୁଷ୍ଠ (୩) ଯକ୍ଷ୍ମା (୪) ମାନସିକ ଅବସାଦ ରୋଗ (୫) ଅନ୍ଧତ୍ୱ (୬) ଅଚଳ ଗଣ୍ଠି (୭) ଛୋଟା (୮) କୁଜା (୯) ଉଧୁରୀ (୧୦) ବୋବା (୧୧) ଅପସ୍ମାର (୧୨) ଆଖିବେମାରି (୧୩) ଦେହଥରା (୧୪) କେମ୍ପା (୧୫) ଗୋଦର (୧୬) ବହୁମୁତ୍ର ମଧୁମେହ ।

ତେଣୁ ରୋଗ ସହିତ ପାପର ସମ୍ପର୍କ ରହିଛି । ଦାରିଦ୍ର୍ୟ ସହିତ ପାପର ସମ୍ପର୍କ ରହୁଛି । ଉଚ୍ଚ ଜାତି ଓ ଉଚ୍ଚବର୍ଣ୍ଣର ଲୋକ କେବଳ ପୂର୍ବଜନ୍ମରେ ସତ୍ ଓ ସଦାଚାରୀ ଥିଲେ । ଏହା

ହୋଇଥିବା ଯେତିକି ସମ୍ଭବ, କାକ-ତାଳୀୟ ନ୍ୟାୟରେ ମଧ ସେତିକି ସମ୍ଭବ ।

ଅନୁଭବରୁ ଜଣାଯାଏ ଯେ ଭଲ ହେବାର ଇଚ୍ଛା ପ୍ରତିଷ୍ଠିତ ପରିବାର ଓ ସମୃଦ୍ଧ ସମାଜରେ ଯେତିକି ଦେଖାଯାଏ, ଦରିଦ୍ର, ନୀପୀଡ଼ିତ ଓ ବିପର୍ଯ୍ୟସ୍ତ ସମାଜରେ ଓ ସହସା-ଧନୀ ହୋଇଥିବା ତଳୁଆ ପରିବାରେ ସେହି ଆକାର ଓ ପ୍ରକାରରେ ଦେଖାଯାଏ ନାହିଁ ।

ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ ମଣି ପୂର୍ବ ଜନ୍ମର ସୁକୃତ ବଳରେ ଭାରତ ବର୍ଷରେ ଓ ଭାରତର ସଂସ୍କୃତି-ସଂପନ୍ନ ପରିବାରରେ ଜନ୍ମ ପାଇଥାଏ ।

ଏହାର ବିରୋଧ ଯୁକ୍ତି ହେଉଛି ଯେ ବିନା ଦୋଷରେ ଜଣେ ବା କେତେକ କ'ର ପାଇଁ ନିଜର ଇଚ୍ଛା ବିରୁଧରେ ଅଭିଶପ୍ତ ଜୀବନ ବିତେଇବେ ?

ଏଇ ପ୍ରଶ୍ନ ଭାରତରେ ଗତ ପଚିଶ ହଜାର ବର୍ଷ ହେଲାଣି ଉଠୁଛି । ଉତର ଗୋଟିଏ ଜନ୍ମାନ୍ତର ବାଦ । ଏଇ ଜନ୍ମାନ୍ତର ବାଦକୁ ବୁଝିବା ଓ ଠଉରାଇବା କଷ୍ଟକର । କିନ୍ତୁ ମଣିଷ ତାହାର ପରମାୟୁର ପଚାଷ, ଷାଠିଏ ସତୁରି ବର୍ଷ ଏଇ ପ୍ରହେଳିକାର ଉତ୍ର ଖୋଜିଛି ଓ ପାଇନାହିଁ । କାରର ତାହା ପାଇଁ ପରିବେଶ ଏପରି ହୋଇ ରହିଥାଏ ଯେ ତାହାର ଜନ୍ମର ନିର୍ଦ୍ଧିଷ୍ଟ ପରିଧି ବା ଭଉଁରୀରୁ ବାହାରି ପାରେ ନାହିଁ ।

ଏହାର ଉତ୍ର ଜୈନ ମୁନିମାନେ ଦେଇ ନାହାନ୍ତି । ଦେଖାଯାଉଛି ଯେ କଳା ମଣିଷ, ଗୋରା ମଣିଷ, ହଳଦିଆ ମଣିଷ ବା ଲାଲ ରଙ୍ଗର ମଣିଷ ହୋଇ ନପାରିଲା ପରି ଜୈନ ପରିବାରରେ ହିନ୍ଦୁ ମତ ବା ହିନ୍ଦୁ ପରିବାରରେ ବୌଧ ମତ ସାଧାରଣରେ ବାହାରି ପାରୁନାହିଁ ।

ଅନୁଭବ ଶିଖାଏ ଯେ ବାପାର ଡ଼ାହାଣ ପାଦ ଗୋଦର ଥିଲା । ପୁଅର ବି ହେଲା । ବାପାର ଡ଼ାହାଣ ପାଦ ଗୋଦର ଥିଲା ଯେ ଯାହାକୁ ବୋହୂକରି ଆଣିଲା ତାହାର ମଧ ଡାହାଣ ପାଦ ଗୋଦର । ନିଜର ପରିବେଶରେ ମିଳୁଥିବା ଡାକ୍ତରମାନେ ଏହାର ଯଥାଯଥ ଉତ୍ର ଦେଇ ପାରୁନାହାନ୍ତି । ଡ଼କ୍ଟର ରାଧାକିଷ୍ଣନ ଏହାକୁ କହନ୍ତି ଗୋରୁ ବନ୍ଧା ହୋଇଥିବା ପଘାର ଲମ୍ବ ହେଉଛି ମଣିଷର ଇଚ୍ଛାଶକ୍ତିର ମାପ । ତେଣୁ ଯାହାକୁ ଯାହା ମିଳୁଛି ସେଥିରେ ସେ ସନ୍ତୁଷ୍ଟ ହୋଇ ରହିବାକୁ ଶିଖୁ ଓ ବଳ ବହପ ବାହାରେ କୁଦା ମାରି ଗୋଡ଼ ହାତ ନଭାଙ୍ଗୁ ।

ଜୈନ ସାଧନା କାହାରିକୁ ଭିତରକୁ ବେଶି ଠେଲେ ନାହିଁ । ଗୋଟିଏ ବାଟ ଦେଖାଏ - ଖୁବ୍ ଅଳ୍ପରେ ଚଳ ଓ ତୁମର ଠାକୁରଙ୍କୁ (ତୀର୍ଥଙ୍କର) ଧାନ କର । ଫଳର ବିଚାର ତାଙ୍କ ଉପରେ ଛାଡ଼ିଦିଅ ।

ଏଥିରେ ଜ୍ଞାନର କଥା ନାହିଁ ।

ଏଥିରେ ଭକ୍ତିର କଥା ନାହିଁ ।

ଏଥିରେ ରହିଛି ଶ୍ରଧା ଓ ବିଶ୍ୱାସ । ଏତକ ହିନ୍ଦୁ ମତରେ ଦୁର୍ଲଭ ବସ୍ତୁ । ଏଠି ପ୍ରତ୍ୟେକ ହେଉଛନ୍ତି ଈଶ୍ୱର - ଉପରେ ବଡ଼ ଈଶ୍ୱର ଓ ତଳେ ଛୋଟ ଛୋଟ ଈଶ୍ୱର ।

ଜୈନ କହିଲେ ମୋଟା ମୋଟି ବୁଝିବାକୁ ହେବ - ଅକ□ନର ଦର୍ଶନ । ଯାହାର କେହି ନାହିଁ ତାହାର ପ୍ରଭୂ ହେଉଛନ୍ତି ସାହା । ଏଥିପାଇଁ ସେମାନେ ନିଜର ଚେଷ୍ଟାରୁ ଓହରି ଯାନ୍ତି ।..... ଠିକ୍ ଏମିତି କୁରୁ ଦରବାରରେ ଦୌପ୍ରଦୀଙ୍କର ବସ୍ତ୍ରହରଣ ଚେଷ୍ଟା ହେଲାବେଳେ ଦୌପ୍ରଦୀ ନିଜ ଆଡୁ ବାଧା ଓ ପ୍ରତିବାଦ ଉଠାଇ ନେଇଥିଲା । ଜୈନ ଦର୍ଶନ ଠିକ୍ ଏହି ସ୍ତରର ଷୋଳ ଅଣା ଆତ୍ମ-ଉତ୍ସର୍ଗର ଦର୍ଶନ । ଆଜି (୧୯୮୮) ମଧ ଏହି ବ୍ରତ ପାଳୁଥିବା ଜୈନ ସାଧକ ଯଥେଷ୍ଟ ରହିଛନ୍ତି ।

କିନ୍ତୁ ପ୍ରଚଳିତ ସମାଜର ପ୍ରତଦ୍ୱନ୍ଦିତା ମୂଳକ ଜୀବନର ବାଟରେ କେତେକ ପ୍ରଶ୍ନ ଜୈନ - ର୍ଦନରୁ ଉତ୍ତର ମାଗୁଛି । ପାଉନାହିଁ । ପ୍ରଶ୍ନ (୧) ଗାଈର ପଛ ଫରିଆ ଖସିଛି । ସେ ଉଠି ପାରୁନାହିଁ । ଚିକିତ୍ସା ବ୍ୟର୍ଥ ହେଉଛି । ତାହାର କଷ୍ଟ ଦୂର କରିବାକୁ ବିଷ ଇଞ୍ଜେକ୍ସନ ଦେଇ ତାକୁ ମାରିଲେ ପାପ ଲାଗିବ କି ?

ପ୍ରଶ୍ନ - (୨) ଆରୋଗ୍ୟ ହେଉ ନଥିବା କର୍କଟ ବା କାନସର ରୋଗୀ ତାହାର ଘୋର ଅଭାବ ଭିତରେ ଏମିତି ଭୋଗି ଭୋଗି ମଲେ ସେ ପାପ କାହାକୁ ଲାଗିବ କି ?

ପ୍ରଶ୍ନ - (୩) ମୂଷାକୁ ନମାରି ଜନ୍ତାରେ ଧରି ଭୋର ବେଳେ ପରଦୁଆର ପାଖରେ ତୁହାକୁତୁହା ଛାଡ଼ିଲେ କିପରି ଧର୍ମ୍ମ ଓ ପାପ ହୁଏ ?

ପ୍ରଶ୍ନ - (୪) ଦିନକର କୁଟୁମ୍ବ ପୋଷଣା ଗାଈ ବୁଢ଼ୀ ହେଲା ପରେ ମାଲିକର ଅବସ୍ଥା ତଳିତଳାନ୍ତ ହୋଇଥିଲା ବେଳେ ଗାଈକୁ ସେ କଂସେଇକୁ ବିକି ନିଜର ପେଟକୁ ପୋଷିବ ନା ଶୁଖେଇ ଶୁଖେଇ ଗାଈକୁ ମାରିବ ? ଧର୍ମ ଓ ପାପର ସୀମା ରେଖା କେଉଁଠି ?

ପ୍ରଶ୍ନ - (୫) ଗରିବ ପରିବାରକୁ ଚଳାଉଥିବା ସଜନାଗଛରେ ବା ସଉକିନିଆ ପରିବାରକୁ ଖୁସି କରୁଥିବା ମୁର୍ଷୁଣ୍ଡା ଫୁଲ ଗଛରେ ଅତ୍ୟନ୍ତ ଅତିରିକ୍ତ ସଁବାଳୁଆ ହେଲେ ସାବୁନ ପାଣି ବା ଫିନାଇଲ ଆଦି ପଡ଼ିବ କି ନାହିଁ ?

ପ୍ରଶ୍ନ - (୬) ବିଛଣାର ଛାରପୋକ - କିଆରୀ ବା ମଶାରୀ ଭିତରର ଗଣ୍ଡାଏ ମଶା ଶୁଆଁ ନଦେଲେ ରାତିଯାକ ଅନିଦ୍ରା ରହିବ ନା ପ୍ରତିକାର କରିବ ?

ପୋଷାକୀ ଅହିଂସା ଓ କାରବାରୀ ଅହିଂସା କ'ଣ ଏକା ବିଷୟ ।

କିଏ ଜାଣେ ? ଉତ୍ତର କ'ଣ ? ନିର୍ଭୁଲ କ'ଣ ? .... ଜୈନ ସାଧୁ ଓ ନୈନ ଶାସ୍ତ୍ର କହିଛନ୍ତି କି ?

ଖାଇଲାବେଳେ ଖାଦ୍ୟର ସୁଆଦକୁ ଭଲକରି ଠଉରେଇବାକୁ ଖାଦ୍ୟକୁ ଏ-କଳରୁ ସେ -କଳକୁ ନେବ ନାହିଁ । (୨) କୁଣ୍ଡେଇ ହବନାହିଁ । ଇଏ ପାପ ଭିତରେ ସୁମାରୀ ହୁଏ (୩) ଆଖିକୁ ମଳିବ ନାହିଁ । (୪) ଗଛକୁ ଆଉଜି ହାଲିଆ ମାରିବ ନାହିଁ । (୫)ସମୁଦ୍ରଲୁଣ ବା ପାହାଡ଼ର ଲୁଣ ଖାଇବା ପାପ । (୬) ଚୋର ଶ୍ରମଣର ଜିନିଷ ଛଡ଼େଇ ନେଲେ ସେ ଚୁପ୍ ରହିବ । (୭) ଚୋର ଅଛନ୍ତି ଜାଣିପାରିଲେ ଅନ୍ୟ ରାସ୍ତା ଧରିବ ନାହିଁ । (୮) ଆମ୍ବତୋଟା ଓ ଆଖୁ କିଆରିରୁ ଖାଇଲାବେଳେ ଅତ୍ୟନ୍ତ ସାବଧାନ ରହିବ ଯେମିତି ଜୀବନ ହତ୍ୟା ହବ ନାହିଁ । (୯) କିନ୍ତୁ ଗୃହସ୍ଥ ପାଖରୁ ଛୁଁ ସୁତା, ନଖ-କଟ, କାନ-ଖୁମ୍ପା ବ୍ୟବହାର ପାଇଁ ମାଗିବା ପାପ ନୁହେଁ । (ଆଠ ଓ ନଅ ଠିକ୍ ବୁଝି ହେଉନାହିଁ । (୧୦) ପରସ୍ପର ଛୁଆଁ

ଛୁଇଁ କୁଣିଆ-କୁଣି, କାମୁଡ଼ା-କାମୁଡ଼ି, ଉଙ୍କୁଣି ମରାମରି ହେଉଛି ପାପ କର୍ମ । (୧୧) ହଳ ହେଇଥିବ, ବା ବୁଣା ହୋଇଥିବା ବା ଗଛ ହୋଇଥିବା ବିଲ ଓ ଘାସ ଇତ୍ୟାଦି ଉପରେ ଝାଡ଼ା ପରିଶ୍ରା ମନା ।

ସାଧାରଣ ଲୋକ ପାଇଁ ସବୁ ଧର୍ମ ଅଡୁଆ । ... ବୌଧ ମତ ହେଲା ମନର ପାପ ସବୁଠାରୁ ଗୁରୁତ୍ୱର । ଜୈନ ମତ ହେଲା ଦେହର ପାପ ସବୁଠାରୁ ଅଧିକ ।

ଜୈନ ଶାସ୍ତ୍ର ଶୁକ୍ରକ୍ରୀତାଙ୍ଗରେ ଗୋଟିଏ ଉଲ୍ଲେଖ ରହିଛି । ଅକାଳରେ ବାପା ତା'ର ପୁଅକୁ ମାରି ଖାଇଗଲା । ସେଇ ମାଂସକୁ ସେ ଜୈନ ଶ୍ରମଣଙ୍କୁ ଦେଲା । ... ବାପାକୁ ପାପ ଲାଗିବ ନାହିଁ । ବାବାଜୀଙ୍କୁ ପାପ ଲାଗିବ ନାହିଁ.... କାରଣ ମନ ପବିତ୍ର ରହିଛି ।

ଜୈନ ମତରେ ପ୍ରାଧାନ୍ୟ ଗୁଜୁରାଟ ଓ ରାଜସ୍ଥାନରେ ରହିଛି । ଇଏ ହେଲେ ମରୁ ଅଳ - ମରୁଡ଼ିର ଦେଶ । ଏହାର ତାତ୍ୱିକ ସମୀକ୍ଷା ମହାନଦୀର ଉର୍ବର ଅବବାହିକାରେ କରି ବସିଲେ ପ୍ରମାଦ ହେବ । ଏଇ ମରୁଡ଼ି ହେଉଛି ବର୍ଷ ବର୍ଷ ସାଥୀ । କେତେକଙ୍କ ପାଇଁ ଜନ୍ମରୁ ମରଣଯାଏ ସାଥୀ । ତେଣୁ ଶୁକ୍ରକୀତଙ୍ଗ ଉପଯୁକ୍ତ ଉପଦେଶ ଦେଇଛନ୍ତି ।

ଜୈନ ଶ୍ରମଣ ମଧ ବୁଧିମାନ ଓ ବିବେକୀ ମଣିଷ । ସେମାନେ ପଚାରନ୍ତି - ପାପର ହେତୁ କ'ଣ ? ... ଏଇ ଜନାନାମାନେ ନା ପାଣି (ଥଣ୍ଡା ପାଣି) ? .... କିଏ ଜାଣେ । ଏହି ଧର୍ମକୁ କିଏ ବା ଠିକ୍ ବୁଝିଛି ? ... ଚାଲ ଜ୍ୟୋତିଷ, ସାମୁଦ୍ରିକ (ହସ୍ତରେଖା) ଗୁଣିଗାରିଡ଼ି ଶିଖିଥିବା । ... ଲୋକେ ପସନ୍ଦ କରିବେ ।

ତେଣୁ ଜୈନ ଆଚାର୍ଯ୍ୟମାନେ ସମାଧାନ ଦେଲେ ଯେ କେତେକ ଗୃହସ୍ଥ ଜୈନ ଶ୍ରମଣଙ୍କଠାରୁ ଉଚ୍ଚ ଶ୍ରେଣୀର । କିନ୍ତୁ ଜୈନ ସନ୍ଥ ସବୁଠାରେ ଉଚ୍ଚ ଶ୍ରେଣୀର ବୃହସ୍ଥ ସାଧକଙ୍କ ପରେ । କାରଣ ତାଙ୍କର ତ୍ୟାଗ ଅଛି ସୟ ନାହିଁ । ନିଜର ଦେହ ଓ ପ୍ରାଣ ପ୍ରତି ମମତା ନାହିଁ, କିମ୍ବା କିଛି କର୍ତ୍ତବ୍ୟ ନାହିଁ ।

ହିନ୍ଦୁ ମତ ଏହି କାରଣରୁ ଶୁଧପୁତ ଗୃହସ୍ଥ ଧର୍ମକୁ ଚିନ୍ତାଗ୍ରସ୍ତ ସାଧୁ ବା ବାବାଜୀଙ୍କଠାରୁ ଉଚ୍ଚ ସ୍ଥାନ ଦେଇଥିଲା । ସେଥିରେ ରହିଲା ଲୁଣ, ଖଟା, ରାଗ, ଇତ୍ୟାଦି ଷଡ଼ରସକୁ ନିୟନ୍ତ୍ରଣ କର ବା ଏକାବେଳକେ ଛାଡ଼ିଦିଅ ।

ତୁଣ୍ଡ କଥାରେ ସିଧି ଆସେ ନାହିଁ । ସତ୍ ହେଉଛି ସିଧିର ମାର୍ଗ । ଈଶ୍ୱରଙ୍କୁ ପାଇବା ଆଗରୁ ନିଜର ବିବେକୁ ନିର୍ମଳ କର ।

ତଥାପି ଜୈନ ମତରେ ଅନେକ ବିସ୍ମୟକର ତଥ୍ୟ ବହୁତ ପୁରୁଣା ଦିନରୁ ଚଳୁଛି । (୧) କୁଷାର ବିନ୍ଦୁ Hoar Frost ତୁଷାର କୁହୁଡ଼, କୁଆପଥର, କାକର ଇତ୍ୟାଦିଙ୍କର ଜୀବନ ଅଛି । ଏଥବରେ Water bodies ଅଛନ୍ତି । (୨) ଯେତେ ଗରମ ବା ଝାଳୁଆ ହେଲେ ମଧ ଗାଧୋଇବ ନାହିଁ । (୪) ବ୍ରାହ୍ମଣଙ୍କୁ ହତ୍ୟ ଗଲେ ବ୍ରହ୍ମଜ୍ଞାନ ଆସେ (୫) ବୁଦ୍ଧ, ଗୌତମ, ବ୍ରାହ୍ମଣ ଆଦି ଶବ୍ଦ ବିଛାଡ଼ି ହୋଇ ଜୈନ ଶାସ୍ତ୍ରରେ ରହିଛି । (୬) ବୁଧଙ୍କର ଘୋଡ଼ାର ନାମ କନ୍ଥକ ଜୈନ ରାଜାଙ୍କର ଘୋଡ଼ାର ନାମ କମ୍ବୋଗ । (୭) ଶଙ୍ଖ, ଚକ୍ର, ଗଦା, ଶୋଭିତ ବାସୁଦେ ଯେପରି ବର୍ଗୋତ୍ମ, ସେହିପରି ବିଶେଷ ଜ୍ଞାନ ଜୈନ ସାଧକ ମଧ ସମସ୍ତଙ୍କୁ ପରେ (୮) ବ୍ରହ୍ମଚର୍ଯ୍ୟ ସାଧନାରେ ଅନିୟମ ପାଇଁ ଶ୍ରମର ମାନସିକ

ରୋଗର ରେଗୀ ହୋଇପଡ଼ନ୍ତି ... ତେଣୁ ଉପଦେଶ ଥିଲା ଯେ ଗୋଟିଏ Thought Picture କୁ ଧରି ରଖିବ । (୯) ଆତ୍ମା ଅଛି ... କ୍ରିୟାବାଦ । ଆତ୍ମା ନାହିଁ ତେଣୁ କ୍ଷଣିକ ବାଦ ବା ଅକ୍ରିୟାବାଦ । ... ଭକ୍ତି ଦ୍ୱାରା ମୁକ୍ତି ....ବୈନାୟକ ... ମୁକ୍ତି ପାଇଁ ଜ୍ଞାନ ଅବଶ୍ୟ ଦରକାର - ଅଜ୍ଞାନବାଦ (୧୦) ପାରା ପରି କ୍ରସ୍ତ ହୋଇ ଜୀବନ କଟାଇବା । ସନ୍ଦେହ ହେଲେ ବଣର ପଶୁ କଥା ଭାବି ଦେଖିବ । ପଶୁର ସାଥୀ ନାହିଁ । ପଶୁ ଦେହ ଖରାପ ହେଲେ ଚିକିତ୍ସା ନାହିଁ । (୧୧) ନରକର ବିବରଣର ଲୋକ-ଟାଙ୍କୁରା ବର୍ଣ୍ଣନା ଅଛି । ପାପ ମାନେ ନରକାର ଦୁଃଖ ।

ଜୈନ ଧର୍ମ ହିନ୍ଦୁ ବୈଶ୍ୟମାନଙ୍କର ଧର୍ମ । ଜୈନ୍ୟମାନେ ପ୍ରାୟ ସମସ୍ତେ ଧନୀ ।

## ଧର୍ମଶାସ୍ତ୍ରର ଜାଣିବା କଥା

୧. ସଂସ୍କୃତ ଦେବଭାଷା ନୁହେଁ । ଅନ୍ୟାନ୍ୟ ଭାଷା ପରି ଏହା ଗୋଟିଏ ପୁରୁଣା ଭାଷା । ଭାରତର ଧର୍ମ ଶାସ୍ତ୍ରମାନ ସଂସ୍କୃତରେ ଲେଖା ।

୨. ସଂସ୍କୃତ ହେଉଛି ମାର୍ଜିତ ଭାଷା । ପ୍ରାକୃତ ହେଉଛି ଅ-ସଂସ୍କୃତ ବା ଅ-ମାର୍ଜିତ ଭାଷା । ପ୍ରାକୃତରୁ ସଂସ୍କୃତ ହୋଇଛି । ସଂସ୍କୃତର ଅପଭ୍ରଷ୍ଟ ପ୍ରାକୃତ ନୁହେଁ ।

୩. ପାଲି ହେଉଛି ଉତ୍ତର ଭାରତର ହିମାଳୟର ପାଦଶେଶରେ ଗୋଟିଏ ଆଳିକ ଭାଷା । ଏହାର ଶବ୍ଦକୋଷ (ସଂସ୍କୃତର ଅମରକୋଷ ପରି) ବା ବ୍ୟାକରଣ (ପାଣିନୀଙ୍କର ବ୍ୟାକରଣ ପରି ବିଧିବଧ ପାଠ୍ୟ ହିସାବରେ ଜଣା ନାହିଁ । ବୌଧ ଧର୍ମର ପ୍ରତିଷ୍ଠାତା ଶାକ୍ୟମୁନି ପାଲି ଭାଷା ବ୍ୟବହାର କରୁଥିଲେ ।

୪. ବ୍ରାହ୍ମଣ ଓ କ୍ଷତ୍ରୀୟଙ୍କ ମଧରେ ଖ୍ରୀଷ୍ଟ ଜନ୍ମ ପର୍ଯ୍ୟନ୍ତ ଶାସ୍ତ୍ରର ଏକାଧିପତ୍ୟ ପାଣ୍ଡିତ୍ୟ ନେଇ ବିବାଦ ରହିଥିଲା । ପର୍ଶୁରାମ ଅବତାରରେ ଓ ମହାଭାରତ ଯୁଧରେ କ୍ଷତ୍ରୀୟ ଶକ୍ତି ଦୁର୍ବଳ ହୋଇଗଲା । ବ୍ରାହ୍ମଣମାନଙ୍କର ସଂଖ୍ୟା ବଢ଼ିଲା, ଅଣ-କ୍ଷତ୍ରୀୟମାନେ ଶାସକ ହେଲେ । ବ୍ରାହ୍ମଣମାନେ ଏଇ ଅଣ-କ୍ଷତ୍ରୀୟ ଶାସକମାନଙ୍କୁ ସମର୍ଥନ କଲେ । ମହାଭରତ ଯୁଧ ଏଇ ଚଳିତ ଅଠାଅଣି ମସିହାକୁ ୫ ହଜାର ବର୍ଷ ତଳର କଥା ।

୫. ମହାଭାରତ ଯୁଧପରେ ଶାସ୍ତ୍ରରେ ଅର୍ଥ ଅର୍ଥାନ୍ତର ପାଇଁ ଦେବତାଙ୍କର ମନୋରଂଜନ କାର୍ଯ୍ୟର ଏକାଧିପତ୍ୟ ବ୍ରାହ୍ମଣମାନେ ପାଇଲେ ଏହା ହେଲା ଜନ୍ମଗତ ଅଧିକାର ।

(କ) ଏହା ବିରୁଧରେ ଦୁଇଟି କଥା ଆସିଲା । ଅ-ବ୍ରାହ୍ମଣମାନେ ନିଜକୁ ପରିବ୍ରାଜକ ବୋଲଶଇ ସାରା ଭାରତରେ (ବୁଝିବାକୁ ହେବ ଉତ୍ତର ଭାରତର କାଶ୍ମୀର, ରାଜସ୍ଥାନ, ଗୁଜୁରାଟ, ମଧପ୍ରଦେଶ, ଉତ୍ତରପ୍ରଦେଶ ଓ ବିହାର) ଧର୍ମର ସାର ବୁଝାଇଲେ । ତାହା ସାଙ୍ଗରେ ପ୍ରଚାର କଲେ ଯେ, ଧର୍ମ ବ୍ୟାଖ୍ୟା ଓ ଭାଷ୍ୟ କରିବାର ଅଧିକାର ସମସ୍ତଙ୍କର ରହିଛି ।

(ଖ) ଏହି ପରିବ୍ରାଜକ (ହିନ୍ଦୁ) ଅନୁକରଣରେ ବୌଧମାନେ ଶ୍ରମଣ ଗୋଷ୍ଠୀ ଚଳାଇଲେ । ବୌଧମତ ସଂଘ ବା ସମଷ୍ଟି ଉପରେ ଜୋର ଦେଲା .... ସଂଘ ଶରଣଂ ଗଚ୍ଛାମି । ବା ସଂଘ (ଲୋକ ସମାଜର) ଶରଣ ପଶିଲି ।

୬. କିନ୍ତୁ ସବୁ ଧର୍ମ ସମାନ । କାରଣ ମଣିଷମାନେ ଏକ ପ୍ରକାରର ହୋଇଥାନ୍ତି । ଗୋଟିଏ ଭାବଧାରା ଅନ୍ୟ ରେ ଆପଣାଛାଏଁ ପ୍ରତିଫଳିତ ଓ ପ୍ରତିଧ୍ୱନିତ ହୋଇଥାଏ ।

୭. ହିନ୍ଦୁମାନେ ହେଉଛନ୍ତି ସୃଷ୍ଟିର ସାତଟି ମୁଳ ଉତ୍ସ ବା ରୁଟ୍ ରେସ୍ (ROOT RACE) ର ୫ମ ପିଣ୍ଡ । ଏହାର ଅଂଶ ରହିଥିଲା ମିଶର ବା ଇଜିପ୍ଟ ଯାଏ । ଏବେ ଇଜିପ୍ଟ ମୁସଲମାନ ରାଜ୍ୟ । ଏହା ପୂର୍ବରୁ ଇଜିପ୍ଟର ଧର୍ମ-ଧାରଣା ଭାରତ ସହିତ ସମାନ୍ତର ।

୮. ଭାରତର ଗଙ୍ଗା ନଦୀ ଯେପରି ମଶରର ନାଇଲ ନଦୀ ସେହିପରି । ପ୍ରଭେଦ ହେଉଛି ଯେ, ଆମେ ଗଙ୍ଗାମାତାଙ୍କୁ ପୂଜା କରୁ । କିନ୍ତୁ ଇଜିପ୍ଟରେ ସେମାନେ ନାଇଲ ନଦୀର ଦେବତା ସୃଷ୍ଟି କରିଥିଲେ । ସେଇ ଦେବତାଙ୍କର ନାମ ହପି (HAPI) ।

(କ) ହିନ୍ଦୁମାନଙ୍କର ଷଣ୍ଢ ଦେବତା । ମହାଦେବଙ୍କର ଷଣ୍ଢ ବା ଶିବଙ୍କର ବାସୁଆ ବଳଦ ପୂଜା ପାଏ । ଧର୍ମଶାସ୍ତ୍ରରେ ମଧ ଏସବୁର ଉଲ୍ଲେଖ ଅଛି । ମିଶରରେ ଷଣ୍ଢ ଦେବତା ଥିଲେ । ତାଙ୍କର ନାମ ଅପିସ୍ (APIS) ।

(ଖ) ଇଜପ୍ଟ ବା ମିଶରରେ ସୂର୍ଯ୍ୟପୂଜା ଠିକ୍ ଭାରତବର୍ଷ ପରି ଥିଲା । ଭାରତଠାରୁ ଅଧିକ ପରିସରରେ ସୂର୍ଯ୍ୟ ପୂଜା ମିଶରରେ ଚଳୁଥିଲା ।

(ଗ) ହୋରସ୍ (HORUS) ହେଉଛନ୍ତି ବାଳ ସୂର୍ଯ୍ୟ ବା ଉଇଁ ଆସୁଥିବା ସୂର୍ଯ୍ୟ ଦେବତା ।

(ଘ) ସେବେକ୍ (SEBEK) ହେଉଛନ୍ତି ସୂର୍ଯ୍ୟଙ୍କର ରୁଦ୍ର ରୂପର ଦେବତା । ମିଶର ଥିଲା ଅତିରିକ୍ତ ଉତ୍ତାପର ଦେଶ - ଦାହାର ପରି ମରୁଭୂମିର ଅଳ । ନାଇଲ ନଦୀ ପାଇଁ ମିଶର ମରୁଭୂମି ପାଲଟି ନଥିଲା ।

(ଙ) ସୂର୍ଯ୍ୟଙ୍କର ଧ୍ୱଂସକାରୀ (ଶୁଖାଇବା, ତତାଇବା ଇତ୍ୟାଦି) ଶକ୍ତିର ଦେବତା ହେଲେ ସେରକିଟ୍ (SERQIT) ।

(ଚ) ଏହାଠାରୁ ମାରାତ୍ମକ ସୌରଶକ୍ତିର ଦେବତାଙ୍କର ନାମ ହେଲା ସେଟ (SET) ।

(ଛ) ଆଉ ଗୋଟିଏ ଦେବତା ନିଶିଥ ସୂର୍ଯ୍ୟଙ୍କ (Night Sun) ପାଇଁ ବସାଇଥିଲେ ସେ ହେଲେ ସେକେର୍ (SEKER) ।

(ଜ) ସୂର୍ଯ୍ୟଙ୍କର ଭୀଷର ଉତାପର (ଯେଉଁଠି ରାମାୟଣର ଜଟାୟୁଙ୍କର ଡ଼େଣା ପୋଡ଼ି ଯାଇଥା । ଦେବତା ହେଲେ ସେଖମିତ୍ ((SEKHMIT) ।

(ଝ) ଏହା ଛଡା ଆଲୋକ ଉତାପ୍-ବାୟୁଙ୍କର ଦେବତା ହେଲେ ଶୁ (SHO) କେବଳ ଆଲୋକ ଉତ୍ତାପର ଦେବତା ହେଲେ ମେନହିଟ୍ (MENHIT) ।

(ଞ) ଯୁଧର ଦେବତା ଓ ସୂର୍ଯ୍ୟ ଦେବତା ମିଶି ଗୋଟିଏ ଠାକୁର ହେଇଛନ୍ତି । ତାଙ୍କରି ନାମ ମନ୍ଥୁ - ରା MENTHU-RA) ।

(ଟ) ସୂର୍ଯ୍ୟଙ୍କର ଅସ୍ତବେଳରେ ସୂଯ୍ୟଦେବତା ହେଲେ ଅଥୁ (ATHU) ।

(ଠ) ସେମିତି ମିଶରର ଅନ୍ୟଦେବତା ଅଛନ୍ତି ।

(ଡ଼) ବାଆ (BA) ପ୍ରାଣବାୟୁର ଦେବତା ।

(ଢ଼) ବେସ୍ (BES) ଯୁଧର ଦେବତା ଓ ସଙ୍ଗୀତର ଦେବତା ।

(ଣ) ଏଇ ଦେବତା ଓ ନୃତ୍ୟର ଦେବତା ଏକତ୍ର - ହିନ୍ଦୁମତର ଶିବଙ୍କର ତାଣ୍ଡବ ନୃତ୍ୟପରି ।

(ତ) ପଟ (PTAH) ଆରମ ବ୍ରହ୍ମାଙ୍କ ପରି । ମିଶରର ସର୍ବ ପ୍ରଥମ ଦେବତା ବଳ-ବୀର୍ଯ୍ୟ-ପ୍ରାଣର ଦେବତା Strenth, Life, Stability,

(ଥ) ପୂଜା ବିଧିରେ ଆସନ ବା TET (ଟେଟ୍) ପୂଜା କଲାବେଳେ ମେରୁଦଣ୍ଡ ସିଧା ରହିବ ।

(ଧ) ଗାଈ ମୁଣ୍ଡ ଥିବା ଦେବୀ HATHOR (ହାଥୋର) । ଇଏ ହେଲେ ସୌନ୍ଦର୍ଯ୍ୟ, ପ୍ରୀତି ଓ ଆନନ୍ଦର ଠାକୁରାଣୀ । ହିନ୍ଦୁ ମତରେ ମାଆ ଦୁର୍ଗା ଜଗତଜନନୀ ରହିଛନ୍ତି । ଚଣ୍ଡୀ ପାଠ ବେଳେ ମାଆ ଚଣ୍ଡୀଙ୍କର ବିଭିନ୍ନ ରୂପ ପ୍ରକାଶ ପାଏ ।

(ନ) ମିସରର ଦେବତା ଖେନେମୋ (KHENEMO) ଅନ୍ୟ ଦେବତାଙ୍କୁ ମଣିଷଙ୍କୁ ସୃଷ୍ଟି କରିଥିଲେ । ଇଏ ହିନ୍ଦୁ ମତର ମୁଖ୍ୟ ଦେବତା ବିଷ୍ଣୁ । ବ୍ରହ୍ମା-ବିଷ୍ଣୁଙ୍କର ଯୁଦ୍ଧ ଓ ଶିବଙ୍କର ସେଇ ସମାଧାନରେ ଅଂଶ ଗ୍ରହଣ ସମସ୍ତେ ଜାଣନ୍ତି ।

(ପ) ହିନ୍ଦୁ ମାଆ ଜଗତ ଜନନୀଙ୍କର ଅନୁରୂପ ମିଶରର ଦେବୀ ହେଲେ ନେତ୍ (NET) ।

(ଫ)ମାତ୍ (MAAT) ମିଶରର ନ୍ୟାୟର ଦେବୀ । ହିନ୍ଦୁ ମତରେ ଏଇ ଦେବୀ ନାହାନ୍ତି । କିନ୍ତୁ ତରାଜୁକୁ ଉଚ୍ଚ ସ୍ଥାନ ଦିଆଯାଏ । ତୁଳୈବ ନ୍ୟାୟ ଅବଧାରଣୀୟ ।

( ୯ ) ପାର୍ସି ମତରେ ହିନ୍ଦୁ ଜଗତପରି ଏତେ ଦେବ ଦେବୀ ନାହାନ୍ତି । ପାର୍ସିମାନଙ୍କୁ ଜୋରାଷ୍ଟ୍ରିଆନ୍ କୁହାଯାଏ । ତାଙ୍କର ସର୍ବ ପ୍ରଧାନ ଦେବତା ହେଲେ ଅହୁର ମଜଦା (AHURAMAZDA) ।

(କ) ତାଙ୍କର ପ୍ରଧାନ ଶତ୍ରୁ ହେଲେ ଅରିମନ୍ (AHIRMAN) । ଏଇ ଦେବତା ଓ ଦାନବଙ୍କର ବଳ କଷାକଷି ଉପନିଷଦର 'ଓ'ର ବିକାଶରେ (ପ୍ରଣବ ଉପନିଷଦ) ରହିଛି ।

(ଖ) ଆହୁରମଜଦା (ଆମର ବିଷ୍ଣୁଙ୍କ ପରି) ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ବା ସୃଷ୍ଟି-ସ୍ଥିତି-ପ୍ରଳୟରେ ବିଭକ୍ତି ନୁହଁନ୍ତି । ହିନ୍ଦୁ ମତରେ ଅବତାର ରହିଛନ୍ତି । ପାର୍ସିମାନଙ୍କର ମତ ହେଲା ଯେ ଏକମାତ୍ର ଓ ମୁକ୍ୟ ଦେବତା ଅହୁରମଜଦାଙ୍କର ସାତ ଜଣ ସହାୟକ ଅଛନ୍ତି । ଏମାନଙ୍କୁ ଏକତ୍ର କୁହାଯାଏ AMESHA SPENTA (ଅମେଷ ସୋ) ଏଇ ସହାୟକମାନେ ଆଦ୍ୟରୁ ଥିଲେ କିମ୍ବା ବଭିନ୍ନ ସମୟରେ ଆସିଥିଲେ ବୁଝାଯାଏ ନାହିଁ ।

(ଗ) ପାର୍ସିମତ ପାରସ୍ୟରେ ଜନ୍ମ । ପାରସ୍ୟରେ ଆଉ ଚିହ୍ନ ବର୍ଣ୍ଣ ନାହିଁ । ଏହା ଲେଖା ହୋଇଥିଲା ପେଲଭୀ (PEHLVI) ଭାଷାରେ ସେଇ ଭାଷା ମରିଯାଇଛି । ପାର୍ସିମାନେ ଅଗ୍ନିର ଉପାସକ । ଅଗ୍ନି ତାଙ୍କର ମୁଖ୍ୟ ଦେବତା ।

***